ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 48 | 1 - 7 December 2024 | Sambalpur | Pages- 8 | Invitation Price Rs.10

# ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଡିଜି ଓ ଆଇଜିଙ୍କ ସର୍ବ ଭାରତୀୟ ସମ୍ମିଳନୀ

ଭୁବନେଶ୍ୱର: ଓଡ଼ିଶାରେ ପ୍ରଥମ ଥର ପାଇଁ ପୁଲିସ ମହାନିର୍ଦ୍ଦେଶକ/ ମହାନିରୀକ୍ଷକ ମାନଙ୍କର ୫୯ତମ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ୩ ଦିନ ବ୍ୟାପୀ ହୋଇଥିବା





ଏହି ସମ୍ମିଳନୀକୁ ଗୃହ ମନ୍ତ୍ରୀ ଶ୍ରୀ ଅମିତ ସାହା ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନ ଏଥିରେ ଯୋଗ ଦେଇଥିଲେ । ସମ୍ମିଳନୀରେ ସୁରକ୍ଷା ଆହ୍ୱାନର ଜାତୀୟ ଏବଂ ଅନ୍ତର୍ଜାତୀୟ ଦିଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା ।

ଉଦଯାପନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ସମ୍ମିଳନୀର ଆଲୋଚନାରୁ ବାହାରିଥିବା ମୁକାବିଲା ରଣନୀତି ଉପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ଡିଜିଟାଲ ଠକେଇ, ସାଇବର ଅପରାଧ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ ପ୍ରଯୁକ୍ତି କାରଣରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବିପଦ, ବିଶେଷକରି ସାମାଜିକ ଏବଂ ପାରିବାରିକ ସମ୍ପର୍କକୁ ବ୍ୟାହତ କରିବା ପାଇଁ ଅବିକଳ ନକଲ ବା ଡିପ୍ ଫେକର ବ୍ୟବହାର ଆଶଙ୍କା ଉପରେ ଚିନ୍ତା ପ୍ରକଟ କରିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ 'ଆକାଂକ୍ଷୀ ଭାରତ'କୁ ନେଇ ଦେଶର ଦ୍ୱିଗୁଣିତ ଏଆଇ ଶକ୍ତିକୁ ଉପଯୋଗ କରି ଏହି ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ ସେ ପୁଲିସ ନେତୃତ୍ୱଙ୍କୁ ଆହ୍ୱାନ ଦେଇଥିଲେ ।

ସେ ସ୍ମାର୍ଟ ପୁଲିସ ପ୍ରଶାସନର ମନ୍ତ୍ରକୁ ଅଧିକ ବିସ୍ତାର କରିବା ସହ ପୁଲିସକୁ ରଣନୀତିକ, ନିଷ୍ଠାପର, ଅନୁକୂଳ, ବିଶ୍ୱସନୀୟ ଓ ସ୍ୱଚ୍ଛ ହେବାକୁ ଆହ୍ୱାନ ଦେଇଛନ୍ତି । ସହରାଞ୍ଚଳ ପୁଲିସ ବ୍ୟବସ୍ଥାରେ ଗ୍ରହଣ କରା ଯାଇଥିବା ପଦକ୍ଷେପକୁ ପ୍ରଶଂସା କରି ଦେଶର ୧୦୦ଟି ସହରରେ ପ୍ରତ୍ୟେକ ପଦକ୍ଷେପକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ । ପୁଲିସ ବାହିନୀର କାର୍ଯ୍ୟଭାର ହ୍ରାସ କରିବା ନିମନ୍ତେ ପ୍ରଯୁକ୍ତିର ବ୍ୟବହାର ପାଇଁ ସେ ଆହ୍ୱାନ ଦେବା ସହ ଥାନାକୁ ସମ୍ବଳ ଆବଣ୍ଟନର କେନ୍ଦ୍ର ବିନ୍ଦୁ କରିବାକୁ ପରାମର୍ଶ ଦେଇଥିଲେ ।

କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବାରେ ହ୍ୟାକାଥନର ସଫଳତା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏକ ଜାତୀୟ ପୁଲିସ ହାକାଥନ ଆୟୋଜନ ଉପରେ ମଧ ବିଚାରବିମର୍ଶ କରିବାକୁ ପରାମର୍ଶ ଦେଇଥିଲେ । ବନ୍ଦର ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଏବଂ ଏଥିପାଇଁ ଭବିଷ୍ୟତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ମଧ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରତି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅତୁଳନୀୟ ଅବଦାନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଆରମ୍ଭ କରି ଥାନା ସ୍ତର ପର୍ଯ୍ୟନ୍ତ ସମଗ୍ର ସୁରକ୍ଷା ପ୍ରତିଷ୍ଠାନରେ ଆସନ୍ତା ବର୍ଷ ତାଙ୍କର ୧୫୦ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ପୁଲିସ ଭାବମୂର୍ତ୍ତି, ପେସାଦାର ମନୋଭାବରେ ସୁଧାର ଏବଂ ସାମର୍ଥ୍ୟ ବିକାଶ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ଓ ହାସଲ କରାଯାଇପାରିଲେ ସର୍ଦ୍ଦାର ପଟେଲଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ମିଳିପାରିବ । 'ବିକଶିତ ଭାରତ'ର ପରିକଳ୍ପନା ସହ ନିଜକୁ ଆଧୁନିକୀକରଣ ଓ ପୁନର୍ଗଠନ କରିବାକୁ ସେ ପୁଲିସ ବାହିନୀକୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ଆତଙ୍କବାଦ ମୁକାବିଲା, ବାମପନ୍ଥୀ ଉଗ୍ରବାଦ, ସାଇବର ଅପରାଧ, ଆର୍ଥିକ ନିରାପତ୍ତା, ପ୍ରବାସନ, ଉପକୂଳ ସୁରକ୍ଷା ଏବଂ ନିଶା କାରବାର ସମେତ ଜାତୀୟ ନିରାପତ୍ତା ସହ ଜଡ଼ିତ ବର୍ତ୍ତମାନ ଏବଂ ଭବିଷ୍ୟତର ଆହ୍ୱାନ ଉପରେ ଆଲୋଚନା ହୋଇଥିଲା ।

ବାଂଲାଦେଶ ଏବଂ ମିଆଁମାର ସୀମାରେ ଉପୁଜିଥିବା ନିରାପତ୍ତା ସମସ୍ୟା, ସହରାଞ୍ଚଳ ପୁଲିସର ଧାରା ଏବଂ ମନ୍ଦ ଉଦ୍ଦେଶ୍ୟପୂର୍ବ ଗୁଜବ ସୃଷ୍ଟି ଭଳି ସମସ୍ୟାର ମୁକାବିଲା ପାଇଁ ରଣନୀତି ଉପରେ ମଧ ଆଲୋଚନା ହୋଇଥିଲା । ଏହାବ୍ୟତୀତ ନୂତନ ଭାବେ ପ୍ରଣୟନ ହୋଇଥିବା ତିନୋଟି ପ୍ରମୁଖ ଅପରାଧିକ ଆଇନର କାର୍ଯ୍ୟକାରିତା, ପଦକ୍ଷେପ ଏବଂ ପୁଲିସରେ ସର୍ବୋତ୍ତମ ଅଭ୍ୟାସ ତଥା ପଡ଼ୋଶୀ ଅଞ୍ଚଳର ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ସମ୍ମିଳନୀର କାର୍ଯ୍ୟକାଳ ସମୟରେ ମୂଲ୍ୟବାନ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ଏବଂ ଭବିଷ୍ୟତ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ ।

ଏହି ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଗୃହ ରାଷ୍ଟ୍ର ମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ହାଇବ୍ରିଡ୍ ଫର୍ମାଟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ/ ମହାନିରୀକ୍ଷକ ଏବଂ ସିଏପିଏଫ/ସିପିଓର ମୁଖ୍ୟମାନେ ଯୋଗ ଦେଇଥିଲେ । ଏହାବ୍ୟତୀତ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ବିଭିନ୍ନ ବରିଷ୍ଠ ପାହ୍ୟାର ପ୍ରାୟ ୭୫୦ରୁ ଅଧିକ ଅଧିକାରୀ ଆଭାସୀ ମାଧମରେ ସମ୍ମିଳନୀରେ ଯୋଗ ଦେଇଥିଲେ ।

# ହୀରାକୁଦ ଇକୋ ରିଟ୍ରିଟ ୨୦୨୪-୨୫ ଉଦଘାଟିତ



ସମ୍ବଲପୁର : ଜମାଦାରପାଲି ନିକଟସ୍ଥ ବଲବସ୍‌ପୁର ଠାରେ ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ସମାରୋହରେ ଜିଲ୍ଲା ପରିଷଦ ଅଧକ୍ଷ କୁମୁଦିନି ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ତରାଞ୍ଚଳ ପୋଲିସ୍ ଆଇ.ଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ.ପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିସନର ଶ୍ରୀ ବେଦ ଭୂଷଣ, ଡ଼ି.ଏଫ.ଓ ସମ୍ବଲପୁର କାଲୁଁଗେ ଗୌରଖ ଓ୍ୱାମାନ, ଆଇ.ପି.ଏସ. (ପ୍ରୋବେଶନର) ଶ୍ରୀ ଭୋସଲେ ଶୁଭମ ସଞ୍ଜୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲ୍ଲାପାଳ ଡ଼କ୍ଟର ପୁଷ୍ପାଞ୍ଜଳି ପଣ୍ଡା, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ବିଭୁତି କଲ୍ୟାଣ ପଟେଲ, ସରପଞ୍ଚ କୀଲାସମା ଗୌରୀ ବାରିକ, ପର୍ଯ୍ୟଟନ ବିଭାଗର




ସହକାରୀ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଏହା ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଇକୋ ରିଟ୍ରିରେ ଷ୍ଟାର ହୋଟେଲର ରହଣି ସୁବିଧା, ସକାଳ ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି ସୁସ୍ୱାଦ ଖାଦ୍ୟ, ପାନୀୟ, ନାଚ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ଜଳକ୍ରୀଡା, ବୋଟରେ ହୀରାକୁଦ ଜଳରାଶିରେ ବୁଲିବାର ମଜା, ଦୁଃସାହସିକ ଖେଳ ସହ ପ୍ରକୃତି କୋଳରେ ଅପୂର୍ବ ଅନୁଭୂତି ପର୍ଯ୍ୟଟକ ମାନେ ସାଉଁଟିବେ । ଏହା ସହିତ ହୀରାକୁଦ ଇକୋ ରିଟ୍ରିଟ ଆସିଥିବା ପର୍ଯ୍ୟଟକ ମାନେ ସମଲେଇ ମନ୍ଦିର, ହୀରାକୁଦ ଡ୍ୟାମ, ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବା ସହିତ ମଜାନେବେ । ଚଳିତ ବର୍ଷ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ ଗୋଟିଏ ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ସୁବିଧା ମିଳିବ । ଏହି କଟେଜରେ ଗୋଟିଏ ଦିନର ରହଣି (ସୋମବାରରୁ ଶୁକ୍ରବାର) ୫ ହଜାର ଟଙ୍କା ଏବଂ ଶନିବାର ଓ ରବିବାର ପ୍ରତି କଟେଜର ମୂଲ୍ୟ ୬ ହଜାର ଟଙ୍କା ସହିତ ସ୍ୱତନ୍ତ୍ର ଦିବସ ଯଥା ୨୨ ଡ଼ିସେମ୍ବରରୁ ୨ ଜାନୁଆରୀ ପାଇଁ ୭ ହଜାର ଟଙ୍କା ରହିଛି ।

# ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଭୁବନେଶ୍ୱର ପ୍ରଧାନ ହେବେ କଂସ

ବରଗଡ଼: ଆସନ୍ତା ଜାନୁଆରୀ ମାସରେ ହେବାକୁ ଯାଉଥିବା ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଭୁବନେଶ୍ୱର ପ୍ରଧାନ କଂସ ଭୂମିକାରେ ଅଭିନୟ କରିବେ । ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ୪ ଜଣଙ୍କ ମଧରୁ ଶ୍ରୀ ପ୍ରଧାନଙ୍କୁ କଂସ ଭୂମିକାରେ ଅଭିନୟ କରିବା ପାଇଁ ଚୟନ କମିଟି ମନୋନୀତ କରିଛି । ଜଗଦାନନ୍ଦ ମିଶ୍ର, ଭୁବନେଶ୍ୱର ପ୍ରଧାନ, ସୁଶୀଲ ମେହେର ଓ ଆର୍ତ୍ତତ୍ରାଣ ସୁନାନୀ ସାମିଲ ହୋଇ ଅଡ଼ିସନ ଦେଇଥିଲେ । ଭବାନୀପାଟଣାର ଡକ୍ଟର ଉମେଶ ଶତପଥି, ଭଟଲିର ଚୂଡ଼ାମଣି ରଥ ଓ ଝାରସୁଗୁଡ଼ାର



ସନ୍ଦୀପ ଆଚାର୍ଯ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ । ପୂର୍ବରୁ ଶ୍ରୀ ପ୍ରଧାନ ୧୯୯୮ ଏବଂ ୨୦୧୭ ମସିହାରେ ବରଗଡ଼ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରିଥିଲେ । ଶ୍ରୀ ପ୍ରଧାନ ହେଉଛନ୍ତି ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ସର୍ଲା ଗାଁର ବାସିନ୍ଦା । ତିନିବର୍ଷ ପାଇଁ ଗତ ୨୦୨୨ରେ ନିର୍ବାଚିତ ହୋଇଥିବା କଂସ କଳାକାର ହୃଷିକେଶ ଭୋଇ ଉତ୍କୋଚ ଭଳି ଅପରାଧିକ କାର୍ଯ୍ୟକଳାପରେ ଛନ୍ଦି ହୋଇ ଚାକିରୀରୁ ନିଲମ୍ବିତ ହେବା ପରେ କଂସ ଭୂମିକାରୁ ମଧ ତାଙ୍କୁ ବାଦ୍ ଦିଆଯାଇଥିଲା ।

## ଏ ସଂଖ୍ୟାରେ..


ଔଷଧରେ ଭରପୁର ସୋୟାବିନ୍


ଅଦାର ବହୁ ଉପକାରୀ ଗୁଣ


ସ୍ମୃତିଶକ୍ତି ବଢ଼ାଇବାରେ ସହାୟକ ପାଣି


ବହୁ ଗୁଣକାରୀ ହଳଦୀ


ସ୍ୱାସ୍ଥ୍ୟ ଲାଗି ମହୌଷଧି ଅଖରୋଟ


ମୂଳାର ଉପକାରିତା

## ଗାଡ଼ି ଓ ଫ୍ରିଜ୍ ଥିଲେ ମିଳିବ ଆବାସ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ନିର୍ଦ୍ଦେଶନାମାରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି । ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଏଣିକି ଦୁଇଚକିଆ ଗାଡ଼ି, ଲ୍ୟାଣ୍ଡଲାଇନ ଫୋନ ଓ ଫ୍ରିଜ ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ମିଳିବ । ବାପାଠାରୁ ଭିନେ ହୋଇ ଅଲଗା ରହୁଥିବା ସାବାଳକ ପୁଅ ମଧ ଆବାସ ଯୋଜନାରେ ଘର ପାଇପାରିବ ।

ଆବାସ ଘର ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ମାସିକ ଆୟ ୧୦ହଜାରରୁ ୧୫ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ କହିଛନ୍ତି । ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ସଂଶୋଧିତ ନିର୍ଦ୍ଦେଶନାମା କରାଯାଇଥିବା ସେ କହିଛନ୍ତି । ଆବାସ ଘର ପାଇଁ ଆବେଦନ କରୁଥିବା ହିତାଧିକାରୀ ନିଜେ ନିଜ ପାଇଁ ସର୍ଭେ କରିବେ । କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଉପେକ୍ଷା କରଯିବ ନାହିଁ । ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯିବ । ହିତାଧିକାରୀ ନିଜେ ଯୋଗ୍ୟ କି ନୁହନ୍ତି ତାହାର ସର୍ଭେ ନିଜେ କରିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି । ଆବାସ ଯୋଜନାରେ ଘର ପାଇଁ ଆବେଦନ କରିବା ସକାଶେ ଲୋକଙ୍କୁ ସଚେତନ କରିବା ସକାଶେ ଡିସେମ୍ବର ମାସରେ ପ୍ରତି ଗାଁରେ ଶିବିର ଆୟୋଜନ କରାଯିବ । ଜଣେ ହିତାଧିକାରୀ ନିଜେ କିପରି ନିଜର ସର୍ଭେ କରିବେ, ସେ ସମ୍ପର୍କରେ ତାଲିମ ଦେବାକୁ ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜିତ ହେବ । ସ୍ଥାନୀୟ ଲୋକଙ୍କୁ ଆବାସ କର୍ମଶାଳା ସଂକ୍ରାନ୍ତରେ ଅବଗତ କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି ।

## ଓଡ଼ିଶାରେ କରମୁକ୍ତ ହେଲା 'ଦି ସାବରମତୀ ରିପୋର୍ଟ'

ଭୁବନେଶ୍ୱର: ୨୦୦୨ ଫେବୃଆରି ୨୭ରେ ଘଟିଥିବା ଗୋଧ୍ରା ରେଳ ପୋଡ଼ି ଘଟଣା ଉପରେ ନିର୍ମାଣ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ଦି ସାବରମତୀ ରିପୋର୍ଟ' । ଗତ ୧୫ ତାରିଖରେ ଏହି ଚଳଚ୍ଚିତ୍ର ସାରା ଦେଶରେ ରିଲିଜ୍ ହୋଇଛି । ଓଡ଼ିଶାରେ ପ୍ରତିଦିନ ୪୦ରୁ ଅଧିକ ସୋ' ଲାଗିଛି । ଏହି ଚଳଚ୍ଚିତ୍ରକୁ ଓଡ଼ିଶା ସରକାର କରମୁକ୍ତ କରିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଏନେଇ ବାଚସ୍ପତି ତଥା ଗୃହର ସଦସ୍ୟମାନଙ୍କୁ ଅବଗତ କରିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟୁଇଟ୍ କରି ମଧ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସତ୍ୟ ଘଟଣା ଉପରେ ଆଧାରିତ ଫିଲ୍ମ 'ସାବରମତୀ ରିପୋର୍ଟ'କୁ ଓଡ଼ିଶାରେ କରମୁକ୍ତ କରିବା ପାଇଁ ଲୋକଙ୍କ ସରକାର ନିଷ୍ପତ୍ତି ନେଇଛନ୍ତି । କିଛି ସ୍ୱାର୍ଥବାଦୀ ବ୍ୟକ୍ତିଙ୍କ ନିଜସ୍ୱ ସ୍ୱାର୍ଥ ପୂରଣ ଏବଂ ଅସ୍ଥିରତା ସୃଷ୍ଟି ପାଇଁ ଗୋଧ୍ରା ଅଗ୍ନିକାଣ୍ଡରେ କିଭଳି ଭାବରେ କରସେବକଙ୍କୁ ଜୀବନ୍ତ ଦଗ୍ଧ କରାଯାଇଥିଲା ତାହା ଏହି ଚଳଚ୍ଚିତ୍ର ମାଧମରେ ଦର୍ଶାଯାଇଛି । ଏହି ଚଳଚ୍ଚିତ୍ର ଅତୀତର ଲୋମହର୍ଷଣକାରୀ, ହୃଦୟ ବିଦାରକ ସତ୍ୟ ଘଟଣାକୁ ଲୋକଙ୍କ ନିକଟରେ ପହଞ୍ଚାଇବ । ଯାହାଦ୍ୱାରା ସାଧାରଣ ଜନତା ଅଧିକ ସଚେତନ ହେବେ ।




## ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଫ୍ୟାମିଲି ପେନସନ୍ ପ୍ରତ୍ୟାହାରର ନିନ୍ଦା

ସମ୍ବଲପୁର : ସରକାର ରାଜ୍ୟର ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କର ପରିବାର ପେନସନ ପ୍ରତ୍ୟାହାର କରିଥିବା ଘୋଷଣାରେ ଅବସରପ୍ରାପ୍ତ କର୍ମଚାରୀ ମହଲରେ ନୈରାଶ୍ୟ ଖେଳି ଯାଇଛି ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ମଚାରୀ ସଂଘର ଅବସରପ୍ରାପ୍ତ କର୍ମକର୍ତ୍ତା ତଥା ସାମାଜିକ କର୍ମୀ ରତିକାନ୍ତ ମହାନ୍ତି କହିଛନ୍ତି । ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ଆଦେଶ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ପରିବାରର ମେରୁଦଣ୍ଡ ଭାଙ୍ଗିଦେବ । ଏଭଳି ପରିବାର ବିନା ପେନସନ୍‌ରେ ଜୀବିକା ନିର୍ବାହ କରିବା କଷ୍ଟକର ହେବ । ଏହାଛଡ଼ା ସେମାନଙ୍କୁ ଦାରିଦ୍ର୍ୟତା ଆଡ଼କୁ ଠେଲି ଦେବ । ଏଣୁ ଏହି ଆଦେଶ ପ୍ରତ୍ୟାହାର କରିବାକୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି ।

## ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି

ବ୍ରହ୍ମଙ୍କ ବିଷୟରେ ବୃହଦାରଣ୍ୟକ ଉପନିଷଦ୍ (୫.୧.୧)ରେ କୁହାଯାଇଛି –ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ । ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।

ଅର୍ଥାତ୍ ସେହି ସଚ୍ଚିଦାନନ୍ଦଘନ ପରବ୍ରହ୍ମ ସବୁ ପ୍ରକାରେ ପୂର୍ଣ୍ଣ ଅଟନ୍ତି । ଏ ଜଗତ ମଧ ସେହି ପରବ୍ରହ୍ମଙ୍କ ଦ୍ୱାରା ପୂର୍ଣ୍ଣ । କାରଣ ଏହି ପୂର୍ଣ୍ଣ ସେହି ପୂର୍ଣ୍ଣ ପରବ୍ରହ୍ମଙ୍କ ଠାରୁ ଉତ୍ପନ୍ନ ହୋଇଛି । ସେହି ପୂର୍ଣ୍ଣ ବ୍ରହ୍ମଙ୍କ ମଧ୍ୟରୁ ପୂର୍ଣ୍ଣକୁ ବାହାର କରିନେଲେ ବି ସେହି ପୂର୍ଣ୍ଣ ହିଁ ବାକି ରହେ ।

ଉପନିଷଦ୍ ଅନୁସାରେ ବ୍ରହ୍ମଙ୍କ ଶକ୍ତି ସବୁଠାରୁ ବଡ଼ ଶକ୍ତି । କାରଣ ବ୍ରହ୍ମ ସର୍ବଶକ୍ତିଶାଳୀ । ବେଦାନ୍ତ ଦର୍ଶନ ଅନୁସାର ସର୍ବଶକ୍ତିମାନ ପରବ୍ରହ୍ମଙ୍କର ପରା ଓ ଅପରା ନାମକ ଯେଉଁ ଦୁଇଟି ପ୍ରକୃତି ରହିଛି, ତାହା ତାଙ୍କର ନିଜର ଶକ୍ତି, ସେଥିପାଇଁ ସେହି ଶକ୍ତି ବ୍ରହ୍ମଙ୍କ ଠାରୁ ଅଭିନ୍ନ । ପରବ୍ରହ୍ମ ଏହି ଶକ୍ତିଗୁଡ଼ିକର ଆଶ୍ରୟ, ଏଣୁ ଏଗୁଡ଼ିକ ଠାରୁ ଭିନ୍ନ ମଧ ।

ସେହି ପରବ୍ରହ୍ମ ପରମେଶ୍ୱର ନିଜର ପରା ଓ ଅପରା, ଉଭୟ ପ୍ରକୃତିକୁ ନେଇ ସୃଷ୍ଟି କାଳରେ ଜଗତର ରଚନା କରନ୍ତି ଏବଂ ପ୍ରଳୟ କାଳରେ ଏହି ଦୁଇ ପ୍ରକୃତିକୁ ନିଜ ମଧରେ ବିଲୀନ କରିଦିଅନ୍ତି । ସେହି ପରବ୍ରହ୍ମ ଶବ୍ଦ, ସ୍ପର୍ଶ ଆଦିରୁ ରହିତ, ନିର୍ବିଶେଷ, ନିର୍ଗୁଣ ଓ ନିରାକାର ମଧ ତଥା ଅନନ୍ତ କଲ୍ୟାଣମୟ ଗୁଣ ସମୁଦାୟରେ ଯୁକ୍ତ ସଗୁଣ ଓ ସାକାର ମଧ ।

ଈଶାବାସ୍ୟା ଉପନିଷଦ୍‌ର ପ୍ରଥମ ମନ୍ତ୍ରରେ କୁହାଯାଇଛି -

ଓଁ ଈଶାବାସ୍ୟାମିଦଂ ସର୍ବଂ ଯତ୍କିଞ୍ଚଜଗତ୍ୟାଂ ଜଗତ୍ ।

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ଜଡ଼ - ଚେତନ ସ୍ୱରୂପ ଜଗତ ରହିଛି, ସେସବୁ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ।

ଅଥର୍ବ ବେଦ ୧୦.୮.୧ରେ କୁହାଯାଇଛି – ଯିଏ ଭୂତ, ଭବିଷ୍ୟ ଓ ସବୁରି ମଧରେ ବ୍ୟାପକ ଏବଂ ଯିଏ ନିଜ ଦିବ୍ୟଲୋକର ଅଷ୍ଟାତା ଓ ଯାହାର ପ୍ରକାଶ ଆନନ୍ଦରେ ବିଚରଣ କରାଇଥାଏ, ସେହି ସର୍ବଶ୍ରେଷ୍ଠ ବ୍ରହ୍ମଙ୍କୁ ମୁଁ ନମସ୍କାର କରୁଛି ।

ପୁଣି ଋଗ୍‌ବେଦରେ କୁହାଯାଇଛି - ସେହି ଏକ ସତ୍ୟ (ପରବ୍ରହ୍ମ)କୁ ବିଦ୍ୱାନ୍ ଲୋକେ ଅଲଗା ଅଲଗା ରୂପରେ ବ୍ୟକ୍ତ କରିଥାନ୍ତି । ଏଣୁ ବ୍ରହ୍ମ ହିଁ ପରମ ସତ୍ୟ, ଏକଥାଟି ସ୍ପଷ୍ଟ । ବ୍ରହ୍ମଙ୍କ ଶକ୍ତି ସର୍ବୋପରି ଶକ୍ତି, ତାହା ବ୍ରହ୍ମାନନ୍ଦ ସ୍ୱରୂପ ଅଟେ । ସେହି ବ୍ରହ୍ମ ଈଶ୍ୱର, ପରମେଶ୍ୱର, ପରମାତ୍ମା, ପ୍ରଭୁ, ସଚ୍ଚିଦାନନ୍ଦ, ବିଶ୍ୱାତ୍ମା, ସର୍ବଶକ୍ତିମାନ, ସର୍ବବ୍ୟାପକ, ସର୍ବଜ୍ଞ ଆଦି ବିଭିନ୍ନ ନାମରେ ପରିଚିତ । ଯିଏ ସେହି ବ୍ରହ୍ମଙ୍କୁ ଜାଣିନିଏ, ତା' ପାଇଁ ଆଉ କିଛି ଜାଣିବା ବାକି ରହେ ନାହିଁ । ପୂର୍ଣ୍ଣ ବ୍ରହ୍ମଙ୍କୁ ଜାଣିନେବାରେ ହିଁ ଜୀବନର ପୂର୍ଣ୍ଣତା ରହିଛି ଏବଂ ଏହା ମଧ ମାନବ ଜୀବନର ପରମ ଲକ୍ଷ୍ୟ । ସେହି ପରଂବ୍ରହ୍ମ ହିଁ ଇନ୍ଦ୍ର, ରୁଦ୍ର, ବ୍ରହ୍ମା ଓ ବିଷ୍ଣୁଙ୍କ ମଧରେ ଅଛନ୍ତି । ସେହି ବ୍ରହ୍ମଙ୍କ ଠାରୁ ଏହି ସମ୍ପୂର୍ଣ୍ଣ ବିଶ୍ୱ ପ୍ରକଟ ହୋଇଛି, ଯାହା ସେହି ପ୍ରାଣ ରୂପରେ ଗତିମାନ । ବ୍ରହ୍ମଙ୍କ ଶକ୍ତି ଦ୍ୱାରା ଅଗ୍ନି ଓ ସୂର୍ଯ୍ୟ ଉତ୍ତପ୍ତ ହୁଅନ୍ତି ଏବଂ ବ୍ରହ୍ମଙ୍କ ଶକ୍ତି ଦ୍ୱାରା ଇନ୍ଦ୍ର, ବାୟୁ ଓ ଯମ ନିଜ ନିଜର କାର୍ଯ୍ୟରେ ଲାଗି ରହନ୍ତି ।

ବ୍ରହ୍ମଙ୍କ ଶକ୍ତି ସର୍ବୋପରି । ଏ ସମ୍ବନ୍ଧରେ କେନୋପନିଷଦରେ ଗୋଟିଏ ରୋଚକ କଥା ଅଛି କଥାଟି ଅନୁସାରେ, ପରମବ୍ରହ୍ମ ପରମେଶ୍ୱର ଦେବତାମାନଙ୍କ ଉପରେ କୃପା କରି ସେମାନଙ୍କୁ ନିଜର ଶକ୍ତି ପ୍ରଦାନ କଲେ । ବ୍ରହ୍ମଙ୍କ ଠାରୁ ଶକ୍ତି ପାଇ ଦେବତାଗଣ ଅସୁରମାନଙ୍କ ଉପରେ ବିଜୟ ପ୍ରାପ୍ତ ହେଲେ । ବାସ୍ତବରେ ଏହି ବିଜୟ ପରବ୍ରହ୍ମ ପରମେଶ୍ୱରଙ୍କର ବିଜୟ ଥିଲା କାରଣ ପରବ୍ରହ୍ମଙ୍କ ଶକ୍ତି ଯୋଗୁଁ ଦେବତାଗଣ ଅସୁରମାନଙ୍କ ଉପରେ ବିଜୟ ଲାଭ କରିଥିଲେ । ଏଥିରେ ଦେବତାଗଣ ନିମିତ୍ତ ମାତ୍ର ଥିଲେ, କିନ୍ତୁ ଅଭିମାନ ବଶତଃ ଦେବତାଗଣ ପରବ୍ରହ୍ମଙ୍କ ଶକ୍ତି ଓ ମହିମାକୁ ନିଜର ଶକ୍ତି ଏବଂ ମହିମା ରୂପେ ବୁଝିବାରେ ଲାଗିଲେ । ଫଳରେ ଦେବତାଗଣଙ୍କ ମନରେ ସେମାନେ ସ୍ୱୟଂ ହିଁ ସର୍ବଶକ୍ତିମାନ ଏବଂ ସେମାନେ ନିଜର ଶକ୍ତି ବଳରେ ଅସୁରମାନଙ୍କ ଉପରେ ବିଜୟ ଲାଭ କରିଥିବାର ଅଭିମାନ ଭରିଗଲା । ଅଭିମାନ ଯୋଗୁଁ ଦେବତାଗଣ ନିଜକୁ ଅଜେୟ ଓ ସେମାନଙ୍କୁ କେହି ହରାଇ ପାରିବେ ନାହିଁ, କେହି ସେମାନଙ୍କୁ ଜିତି ପାରିବେ ନାହିଁ ବୋଲି ମାନିନେଲେ ।

ଦେବତାମାନଙ୍କ ମିଥ୍ୟା ଅଭିମାନକୁ ସର୍ବବ୍ୟାପୀ, ସର୍ବଜ୍ଞ, ପରବ୍ରହ୍ମ, ପରମେଶ୍ୱର ବୁଝିଗଲେ ଏବଂ କଲ୍ୟାଣକାରୀ ପରମେଶ୍ୱର ଭାବିଲେ– ଯଦି ଦେବତାଙ୍କ ମଧରେ ଏହି ଅହଂଭାବ ଲାଗି ରହିବ ତ ସେମାନଙ୍କର ପତନ ହେବ । ତେଣୁ ଦେବତାଗଣଙ୍କ କଲ୍ୟାଣ ପାଇଁ ଏବଂ ସେମାନଙ୍କ ମିଥ୍ୟା ଅଭିମାନକୁ ଦୂର କରିବା ପାଇଁ କରୁଣାସିନ୍ଧୁ ପରମେଶ୍ୱର ଦେବଗଣଙ୍କ ସମକ୍ଷରେ ଜଣେ ଦିବ୍ୟ ସାକାର ଯକ୍ଷ ରୂପରେ ପ୍ରକଟ ହୋଇଗଲେ । ଦେବତାମାନେ ସେହି ଯକ୍ଷଙ୍କର ଦିବ୍ୟ ଓ ବିଶାଳ ରୂପକୁ ଆଶ୍ଚର୍ଯ୍ୟ ଭାବରେ ଚାହିଁ ରହିଲେ, କିନ୍ତୁ ଚିହ୍ନି ପାରିଲେ ନାହିଁ ।

ସେମାନେ ବିଚାର କରିବାରେ ଲାଗିଲେ ଯେ ଏଇ ଦିବ୍ୟ ଓ ବିଶାଳ ଯକ୍ଷ କିଏ ? ସେମାନେ ସେହି ବିଶାଳ ଓ ଦିବ୍ୟ ଯକ୍ଷଙ୍କ ପରିଚୟ ଜାଣିବା ପାଇଁ ଉତ୍ସୁକ ହୋଇଗଲେ । ଦେବତାମାନେ ଭାବିଲେ ଅଗ୍ନିଦେବ ପରମ ତେଜସ୍ୱୀ, ବେଦଜ୍ଞ, ସର୍ବଜ୍ଞ, ସେଥିପାଇଁ ତାଙ୍କୁ 'ଜାତବେଦ' ନାମ ଦିଆଯାଇଛି । ତେଣୁ ଅଗ୍ନିଦେବ ହିଁ ସେହି ବିଶାଳ ଓ ଦିବ୍ୟ ଯକ୍ଷଙ୍କ ବାସ୍ତବିକ ପରିଚୟ ପ୍ରାପ୍ତ କରିବା ପାଇଁ ଉପଯୁକ୍ତ ହେବେ ।

ଦେବତାମାନେ ଅଗ୍ନିଙ୍କୁ ପ୍ରାର୍ଥନା କଲେ– 'ହେ ଜାତବେଦ ! ଆପଣ ଯାଇ ସେହି ଅଦ୍ଭୁତ ଓ ବିଶାଳ ଯକ୍ଷ ରୂପଧାରୀଙ୍କର ପରିଚୟ ପଚାରନ୍ତୁ ।'' ଅଗ୍ନିଦେବଙ୍କର ବି ନିଜର ବୁଦ୍ଧି ଓ ଶକ୍ତି ଉପରେ ଗର୍ବ ଥିଲା ।

ଏଣୁ ସେ ଏହି କାର୍ଯ୍ୟ ପାଇଁ ସହର୍ଷ ପ୍ରସ୍ତୁତ ହୋଇଗଲେ ଏବଂ କହିଲେ- "'ଠିକ୍ ଅଛି । ମୁଁ ଏବେ ପରିଚୟ ପଚାରି ନେଉଛି । ଭାବିଲେ– ଇଏ କି ବଡ଼ କଥା । ସେ ତୁରନ୍ତ ସେହି ଯକ୍ଷଙ୍କ ନିକଟରେ ପହଞ୍ଚି ଗଲେ । ଅଗ୍ନିଦେବଙ୍କୁ ନିଜ ପାଖରେ ଦେଖି ଯକ୍ଷ ପଚାରିଲେ– 'ଆପଣ କିଏ ? ଅଗ୍ନିଦେବ ରାଗିଯାଇ କହିଲେ– 'ତୁମେ ମୋତେ ଜାଣି ନାହଁ ? ମୁଁ ଅଗ୍ନି ମୋ ନାଁ ଜାତବେଦ ।

ପରଂବ୍ରହ୍ମ ପରମେଶ୍ୱର ଅଜ୍ଞାତ ଭାବରେ କହିଲେ - 'ଆଚ୍ଛା ! ତାହେଲେ ଆପଣ ହିଁ ସର୍ବଜ୍ଞ, ସର୍ବଶକ୍ତିମାନ ଓ ଜାତବେଦ ? ଆପଣ ଦର୍ଶନ ଦେଇ ବଡ଼ କୃପା କଲେ । ବହୁତ ଭଲ କଥା, କିନ୍ତୁ କହନ୍ତୁ ଆପଣଙ୍କର କେଉଁ ଶକ୍ତି ଅଛି ଓ ଆପଣ କ'ଣ କରି ପାରିବେ ? ଏହା ଶୁଣି ଅଗ୍ନିଦେବ କ୍ରୋଧିତ ହୋଇ କହିଲେ- 'ମୁଁ କ'ଣ କରି ପାରିବି, ଏହା ନ ପଚାରି ମୁଁ କ'ଣ ନ କରି ପାରେ ପଚାରୁ ନାହଁ କାହିଁକି । ମୁଁ ଚାହିଁଲେ କ୍ଷଣିକ ମଧରେ ସାରା ଭୂମଣ୍ଡଳକୁ ଜାଳି ପୋଡ଼ି ପାଉଁଶ କରିଦେବି । ଆଚ୍ଛା, ଏମିତି କଥା ? ତାହେଲେ ଟିକେ ଏଇ ଶୁଖିଲା ତୃଣଟି ଜାଳି ଦିଅନ୍ତୁ । ଯକ୍ଷ କହିଲେ ।

ଅଗ୍ନିଦେବ ଏହାକୁ ନିଜର ଅପମାନ ବୁଝିଲେ ଏବଂ ତୁରନ୍ତ ସାମନାରେ ପଡ଼ିଥିବା ସେହି ଶୁଖିଲା ତୃଣକୁ ଜଳାଇ ଦେବା ପାଇଁ ଉଦ୍ୟତ ହେଲେ । ପରନ୍ତୁ ଏ କ'ଣ ? ନିଜର ସମସ୍ତ ଶକ୍ତି ଲଗାଇ ଦେବା ସତ୍ତ୍ୱେ ସେହି ଶୁଖୁଲା ତୃଣଟି ଜଳାଇ ପାରିଲେ ନାହିଁ । କାରଣ ସ୍ପଷ୍ଟ ଥିଲା ।

ବ୍ରହ୍ମ ଅଗ୍ନିଦେବଙ୍କୁ ଦାହ ରୂପେ ନିଜର ଯେଉଁ ଶକ୍ତି ଦେଇଥିଲେ, ତାହାକୁ ନିଜ ପାଖକୁ ଫେରାଇ ନେଇଥିଲେ ତେଣୁ ଶୁଖିଲା ତୃଣଟି ସେ ଆଉ ଜଳାଇ ପାରିଥାନ୍ତେ କେମିତି ? ଅଗ୍ନିଦେବ ଲଜ୍ଜାରେ ଜଳିଗଲେ ଏବଂ ଦେବତାମାନଙ୍କ ପାଖକୁ ଫେରି ଆସି କହିଲେ – ମୁଁ ସେହି ଯକ୍ଷଙ୍କୁ ଚିହ୍ନି ପାରିବାରେ ଅସଫଳ ହେଲି । ଦେବତାମାନେ ତାପରେ ବାୟୁଦେବଙ୍କୁ କହିଲେ– "ଭଗବାନ୍ ! ଆପଣ ଯାଇ ସେହି ଯକ୍ଷଙ୍କର ସଂପୂର୍ଣ୍ଣ ପରିଚୟ ଜାଣି ଆସନ୍ତୁ ।'' ବାୟୁ ଦେବଙ୍କର ମଧ ନିଜର ବୁଦ୍ଧି-ଶକ୍ତି ପାଇଁ ଗର୍ବ ଥିଲା । ଏଣୁ ସେ ତୁରନ୍ତ କହିଲେ– "ଠିକ୍ ଅଛି, ମୁଁ ଏବେ ତାଙ୍କର ପରିଚୟ ଜାଣି ଆସୁଛି ।'' ବାୟୁଦେବ ଦୌଡ଼ି ଯାଇ ଯକ୍ଷଙ୍କ ପାଖରେ ପହଞ୍ଚିଲେ । ବାୟୁଦେବ ମନେ ମନେ ଭାବିଲେ ଅଗ୍ନିଦେବ ଅବଶ୍ୟ କେଉଁଠି କିଛି ଭୁଲ କରି ଦେଇଥିବେ, ଅନ୍ୟଥା ଏଇ ଯକ୍ଷର ପରିଚୟ ଜାଣିବା କେଉଁ ବଡ଼ କଥା । ବୋଧହୁଏ ଯକ୍ଷଙ୍କୁ ଜାଣିନେବାର ଶ୍ରେୟ ମୋ ଭାଗ୍ୟରେ ଅଛି ।

ବାୟୁଦେବଙ୍କୁ ନିଜ ସମୀପରେ ଠିଆ ହୋଇଥିବାର ଦେଖି ଯକ୍ଷ ପୁଣି ନ ଜାଣିଲା ପରି ପଚାରିଲେ– 'ଆପଣ କିଏ ? ବାୟୁଦେବ ମଧ ରାଗିଯାଇ କହିଲେ – 'ମୁଁ ପ୍ରସିଦ୍ଧ ବାୟୁ । ମୋର ଗୌରବମୟ ନାଁ ହେଉଛି 'ମାତରିଶ୍ୱା' । ମୋତେ ଭଲା କିଏ ବା ନ ଜାଣେ ? ଯକ୍ଷ ପୁଣି ଅଜ୍ଞାତ ଭାବରେ କହିଲେ– 'ଆଚ୍ଛା, ଆପଣ ହିଁ ଅନ୍ତରୀକ୍ଷରେ ବିନା କୌଣସି ଆଧାରରେ ବିଚରଣ କରନ୍ତି ? ଆପଣ ହିଁ ବାୟୁଦେବ ମାତରିଶ୍ୱା ? ତେବେ ଆପଣ କୃପା କରି କହନ୍ତୁ ଯେ ଆପଣଙ୍କ ମଧରେ କେଉଁ ଶକ୍ତି ରହିଛି ଏବଂ ଆପଣ କ'ଣ କରି ପାରିବେ ?

ଏହି ପ୍ରଶ୍ନ ଶୁଣି ବାୟୁଦେବ ଗର୍ବୋଦ୍ଧତ ହୋଇ କହିଲେ– "ମୁଁ ଚାହିଁଲେ ସାରା ଭୂମଣ୍ଡଳକୁ ବିନା କୌଣସି ଆଧାରରେ ଉଠାଇ ଦେବି ଓ ଉଡ଼ାଇ ନେବି । ଏହା ଶୁଣି ସେହି ଯକ୍ଷ କହିଲେ– 'ତାହେଲେ ସତରେ ଆପଣ ବଡ଼ ଶକ୍ତିଶାଳୀ । ଆପଣ ଟିକେ ଏଇ ଶୁଷ୍କ ତୃଣଟିକୁ ଉଡ଼ାଇ ଦିଅନ୍ତୁ ।'' ବାୟୁଦେବ ମଧ ଏହାକୁ ନିଜର ଅପମାନ ମାନିଲେ ଏବଂ ସେଇ ତୃଣଟିକୁ ଉଡ଼ାଇ ଦେବା ପାଇଁ ଉଦ୍ୟତ ହେଲେ । ସେ ତାହାକୁ ଉଡ଼ାଇଦେବା ପାଇଁ ନିଜର ସମସ୍ତ ଶକ୍ତି ଖଟାଇଲେ । କିନ୍ତୁ ଏ କ'ଣ ? ସେହି ତୃଣଟି ଟିକିଏ ବି ହଲଚଲ ହେଲା ନାହିଁ । ବାୟୁଦେବ ମଧ ଅଗ୍ନିଦେବଙ୍କ ପରି ଲଜ୍ଜିତ ହୋଇ ଫେରିଯାଇ କହିଲେ – 'ମୁଁ ମଧ ଏଇ ଯକ୍ଷଙ୍କର ପରିଚୟ ଭଲ ଭାବରେ ଜାଣି ପାରିଲି ନାହିଁ । ଯେତେବେଳେ ଅଗ୍ନି ଓ ବାୟୁଙ୍କ ଭଳି ଶକ୍ତି ସମ୍ପନ୍ନ ଦେବଗଣ ଅସଫଳ ହୋଇଗଲେ, ସେତେବେଳେ ଦେବଗଣ ଦେବରାଜ ଇନ୍ଦ୍ରଙ୍କ ପାଖରେ ପହଞ୍ଚିଲେ ଏବଂ ଯକ୍ଷଙ୍କ ପରିଚୟ ଜାଣିବା ପାଇଁ ତାଙ୍କୁ ପ୍ରାର୍ଥନା କଲେ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ରାମାୟଣ କଥା : ଅନନ୍ୟ ଭକ୍ତିର ଅସୀମ ଶକ୍ତି



ଡ଼ଃ ପ୍ରମୋଦ କୁମାର ପଣ୍ଡା

ପଚ୍ଛୁଆ ଆଦିବାସୀ ସମ୍ପ୍ରଦାୟର ଏକ ସାଧାରଣ ନାରୀ । ସରଳ ଜୀବନଯାପନ । ଧର୍ମପରାୟଣା । ଈଶ୍ୱର ବିଶ୍ୱାସୀ । ପଶୁପକ୍ଷୀ ପ୍ରେମୀ । ମନରେ ଭରପୁର ମାନବୀୟ ମୂଲ୍ୟବୋଧ, ଉଚ୍ଚାକାଂକ୍ଷା ଏବଂ ପରକୁ ନିଜର କରିବାର ଅପାର ସାମର୍ଥ୍ୟ ।

ଶୁଭ ଅବସରରେ ପଶୁବଳି ଭୀଲ ସମ୍ପ୍ରଦାୟର ପରମ୍ପରା ଯାର ତୀବ୍ର ବିରୋଧୀ ଥିଲେ ସେ । ତାଙ୍କରି ବିବାହୋତ୍ସବରେ ପଶୁବଳି ସୁନିଶ୍ଚିତ ଭାବି ନିଷ୍ପତ୍ତି କରିନେଲେ ଆଜୀବନ ଅବିବାହିତା ରହିବାକୁ । ସମସ୍ତଙ୍କ ଅଗୋଚରରେ ପ୍ରସ୍ଥାନ କଲେ ନିକଟସ୍ଥ ଅରଣ୍ୟାଭିମୁଖେ । ଅଲକ୍ଷ୍ୟରେ ଲୁଚିଛପି ଉପସ୍ଥିତ ହେଲେ ଋଷ୍ୟମୁକ ପର୍ବତସ୍ଥିତ ମାତଙ୍ଗ ମୁନିଙ୍କ ଭବ୍ୟ ଆଶ୍ରମରେ । ଯଜ୍ଞାଦି ଧର୍ମକାର୍ଯ୍ୟରେ ସହାୟତା ଏବଂ କାଷ୍ଠାଦି ସଂଗ୍ରହ ପାଲଟିଲା ତାଙ୍କ ନିତିଦିନିଆଁ କାମ । ସ୍ନେହ, ଶ୍ରଦ୍ଧା, ପ୍ରେମ, ସେବା, ଭକ୍ତି ଓ ଅନୁରକ୍ତି ବଳରେ ଜିଣିନେଲେ ସମସ୍ତଙ୍କ ହୃଦୟ । ଋଷି ମାତଙ୍ଗଙ୍କ ନିକଟରୁ ଶସ୍ତ୍ର ପୁରାଣାଦି ଶିକ୍ଷା କଲେ । ତାଙ୍କରି ଶିଷ୍ୟା ବୋଲାଇଲେ । ରାମ ଥିଲେ ତାଙ୍କ ଆରାଧ । ରାମଭକ୍ତି ଥିଲା ତାଙ୍କ ଶକ୍ତି । ରାମଚରିତ ଥିଲା ତାଙ୍କ ଚରିତ୍ର ।

ସମୟ ଗଡି ଚାଲିଲା । ପିଣ୍ଡରୁ ପ୍ରାଣ ତ୍ୟାଗିବା ପୂର୍ବରୁ ମାତଙ୍ଗ କହିଲେ ତୁମ ଭକ୍ତିର ଶକ୍ତି ଏତେ ପ୍ରଖର ଯେ ପ୍ରଭୁ ସ୍ୱୟଂ ବିରାଜି ତୁମକୁ ଦର୍ଶନ ଦେବେ ଆଶ୍ରମରେ । ଦୁନିଆଁ ସ୍ୱଚକ୍ଷୁରେ ଦେଖିବ ମାଁର ମମତା, ପୁତ୍ରର ମାତୃଭକ୍ତି ଏବଂ ଭକ୍ତ ଓ ଭକ୍ତବତ୍ସଳ ଭଗବାନଙ୍କ ଅପୂର୍ବ ମିଳନ ।

ଗୁରୁଙ୍କ ପରାମର୍ଶ କ୍ରମେ ପ୍ରାରମ୍ଭ ହେଲା ମାତାଙ୍କ ପୁତ୍ର ପ୍ରତୀକ୍ଷା । ନିତିଦିନ ସ୍ୱାଗତ ସମାରୋହର ସାଜସଜ୍ଜା । ସକାଳୁ ସଞ୍ଜଯାଏ ଅପେକ୍ଷା । ମିଠା ମିଠା ଫଳ ସଂଗ୍ରହ । ସୁସ୍ୱାଦୁ କନ୍ଦମୂଳ ଅନ୍ୱେଷଣ । ହେଲେ କାହିଁ ? ପ୍ରଭୁଙ୍କ ତ ଦେଖାନାହିଁ ? ଧୈର୍ଯ୍ୟର ବନ୍ଧ କିନ୍ତୁ ନଭାଙ୍ଗି ଦିନକୁଦିନ ଅଧିକ ସବଳ ହେଉଥାଏ । ସୁଖ ଠାରୁ ସୁଖ ଆଶାରେ ଅଧିକ ସୁଖ ଅନୁଭବ କରୁଥାନ୍ତି ମମତାମୟୀ ମାତା । ହାର ମାନୁଥାଏ ଆଶା ଆଗରେ ନିରାଶା । ବିଶ୍ୱାସ ପାଖେ ଅବିଶ୍ୱାସ । ଆତ୍ମପ୍ରତ୍ୟୟ ସାମ୍ନାରେ ଆତ୍ମସନ୍ଦେହ । 'ସବ୍ର କା ଫଲ୍ ମିଠା ହୋତା ହେ 'ଦମ୍ଭ ଯୋଗାଉଥାଏ ଏ ସାର୍ଥକ ଉକ୍ତିଟି । ଅପେକ୍ଷାକୁ ଉପେକ୍ଷା ନ କରିବାର ସାହସ ।

ସେପଟେ ଦେବପକ୍ଷୀ ଜଟାୟୁଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ରାମ ଓ ଲକ୍ଷ୍ମଣ ମାତା ସୀତାଙ୍କ ଅନ୍ୱେଷଣରେ ପୁଣି ବାହାରିଲେ । ସାରା ଜଙ୍ଗଲ ଛାନ ମାରିଲାପରେ ମଧ ତାଙ୍କର ଅତାପତା ମିଳିଲା ନାହିଁ । ଖୋଜିଖୋଜି ଉଭୟ ଭାଇ ପହଞ୍ଚିଲେ ଋଷି ମାତଙ୍ଗ ଆଶ୍ରମରେ । ଅପେକ୍ଷାର ଅନ୍ତ ହେଲା । ପୂର୍ଣଚ୍ଛେଦ ପଡିଲା ଦୀର୍ଘ ଦିନର ପ୍ରତୀକ୍ଷାରେ । ପ୍ରଭୁ ଆଗମନକୁ ଚାତକ ସଦୃଶ ଚାହିଁ ରହିଥିବା ସଜଳ ନୟନା ମାତା ଶ୍ରଦ୍ଧାର ସହିତ ସ୍ୱାଗତ କଲେ ରାମ ଏବଂ ଲକ୍ଷ୍ମଣଙ୍କୁ । ସାଦରେ ପାଛୋଟି ନେଲେ ଆଶ୍ରମ ଭିତରକୁ । ନୀରଭିଜା ନୟନ । ମନରେ ଅଫୁରନ୍ତ ଉତ୍ସାହ । ଲୋମଟାଙ୍କୁରା ଅନୁଭୂତି । ମମତା ଲୁହରେ ସିକ୍ତ ସମ୍ପୂର୍ଣ୍ଣ ଋଷ୍ୟାଶ୍ରମ । ପ୍ରଭୁ ରାମଚନ୍ଦ୍ର ମାତୃ ପ୍ରେମରେ ଗଦଗଦ । ତିନି ମାତା, କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କ ପ୍ରତିଛବି ଅନୁଭୂତ ହେବାକୁ ଲାଗିଲା ସନ୍ୟାସିନୀ ମାତାଙ୍କ ଛବିରେ । ପାଦ ସ୍ପର୍ଶ କରି ପ୍ରଣିପାତ ହେଲେ ଦି ଭାଇ । ଆଶୀର୍ବାଦ ଭିକ୍ଷା କଲେ ମହିୟସୀ ମହିଳାଙ୍କ । ସ୍ନେହମୟୀ ଜନନୀଙ୍କ ।

ସଂଗୃହିତ ସ୍ୱାଦିଷ୍ଟ କୋଳି ଚାଖିଚାଖି ନିଜ ହାତରେ ଖାଇବାକୁ ଦେଲେ ଦି ଭାଇଙ୍କୁ । ବହୁଦିନ ଉତ୍ତାରୁ ମାତା ହାତରୁ ଖାଇବାର ଅବସର ମିଳିଥିବାରୁ ରାମଚନ୍ଦ୍ର ଥିଲେ ଅତି ପ୍ରସନ୍ନ । ଆନନ୍ଦିତ ଓ ଆତ୍ମବିଭୋର । ଆମୋଦାଶ୍ରୁ ରୋକିବାର ବିଫଳ ପ୍ରଯତ୍ନ କରୁଥିଲେ ସେ । ଅଜାଣତରେ ଗଡି ଆସିଥିଲା ଦିଟୋପା ମୁକ୍ତା ବିନ୍ଦୁ । ଅନୁଜ ଲକ୍ଷ୍ମଣ କିନ୍ତୁ ଥିଲେ ଅତ୍ୟନ୍ତ କ୍ରୋଧିତ । ଅଇଁଠା କୋଳି ଅର୍ପଣର ଦୁଃସାହସ କଲେ କିମିତି ବୃଦ୍ଧା ସନ୍ୟାସିନୀ ? ତାଙ୍କ ମନର ବ୍ୟଥା ବୁଝିବାକୁ ବାକିନଥିଲା ଶ୍ରୀରାମଙ୍କୁ । 'ୟେ ଫଲ୍ ଝୁଠେ ନହିଁ ମିଠେ ହେଁ । 'କହିଥିଲେ ସେ । ମାତ୍ର ମାତାଙ୍କ ପ୍ରସାଦ ସ୍ୱୀକାର କରିନଥିଲେ ଲକ୍ଷ୍ମଣ । ଖାଇ ନ ଥିଲେ ସେ ।

ବାଲ୍ମୀକି ରାମାୟଣରେ ଅଇଁଠା ଫଳ ଖୁଆଇବାର ବର୍ଣ୍ଣନ ଦେଖିବାକୁ ମିଳେ ନହିଁ । ତେବେ ଟେଲିଭିଜନ ଧାରାବାହିକ ମାନଙ୍କରେ ଏପରି ପ୍ରସଙ୍ଗ ଓ ଦୃଶ୍ୟ ପ୍ରଦର୍ଶିତ ହୁଏ କିପରି ? ବାଲ୍ମୀକି ରାମଚନ୍ଦ୍ରଙ୍କ ସମସାମୟିକ । ରାମଚନ୍ଦ୍ରଙ୍କ ସହିତ ତାଙ୍କର ଭେଟ ବି ହୋଇଛି । ତାଙ୍କ ବିରଚିତ ରାମାୟଣ ଭିତ୍ତିରେ ପରବର୍ତ୍ତୀ କାଳରେ ତୁଳସୀଦାସଜୀଙ୍କ ରାମ ଚରିତ ମାନସ ଏବଂ ଅନ୍ୟ ରାମାୟଣ ସବୁ ରଚିତ । ତତ୍କାଳୀନ ସାମାଜିକ-ସାଂସ୍କୃତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହୁଏତ ଏପ୍ରକାର ପ୍ରସଙ୍ଗ ସମ୍ମିଳିତ କରାଯାଇ ଥାଇ ପାରେ ବୋଲି ଅନୁମାନ କରାଯାଏ । ଦ୍ୱିତୀୟତଃ ରାମଚନ୍ଦ୍ର ଥିଲେ ସମଦର୍ଶୀ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଥିଲେ ତାଙ୍କ ପାଇଁ ସମାନ । ଜଣେ ଆଦର୍ଶ ରାଜାଙ୍କ ଧର୍ମ ମଧ ସେଇୟା । ନୀଚ ଜାତିର ନିଶାଦରାଜ ଗୁହ୍ୟ ହୁଅନ୍ତୁ କିମ୍ବା ମାତା ଶବରୀ ତାଙ୍କ ପ୍ରତି ଆଦର୍ଶ ପୁରୁଷ ରାମଚନ୍ଦ୍ରଙ୍କ ପାତରଅନ୍ତର ନୀତି ଆସିବ କୁଆଡୁ ? ଅନୁଜ ଲକ୍ଷ୍ମଣ କୋଳି ସେବନ ନକରିବାର କାରଣ କିନ୍ତୁ ଭିନ୍ନ । ରାକ୍ଷସରାଜ ରାବଣପୁତ୍ର ମେଘନାଦ ଯୁଦ୍ଧରେ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ଇନ୍ଦ୍ରଜିତ ନାମରେ ନାମିତ ହେବା ସହିତ ଚଉଦ ବର୍ଷ ଅନାହାରୀ ହାତରେ ହିଁ ତାର ଜୀବନ ଯିବ ବୋଲି ବରଦାନ ପାଇଥିଲା ପରଂ ପିତା ବ୍ରହ୍ମାଙ୍କ ଠାରୁ । ଭାଇ ଭାଉଜଙ୍କ ସୁରକ୍ଷା ପାଇଁ ଚଉଦ ବର୍ଷ ପର୍ଯ୍ୟନ୍ତ ଭୋଜନ ଓ ଶୟନ ତ୍ୟାଗିବାର ସଂକଳ୍ପ ନେଇଥିଲେ ଲକ୍ଷ୍ମଣ । ସଂଯୋଗ ହେଉ ଅଥବା ବିଧିର ବିଧାନ ମେଘନାଦର ମୃତ୍ୟୁ ହେଲା ଲକ୍ଷ୍ମଣଙ୍କ ଶାରାଘାତରେ ।

ତେବେ କିଏ ଏହି ଶବରୀ ? କିଏ ତାଙ୍କର ମାତାପିତା ? ତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ କଣ ? ଏକଦା ପରମହିସୀ ନାମ୍ନୀ ଜଣେ ରୂପବତୀ ରାଣୀ ପବିତ୍ର କୁମ୍ଭମେଳା ସ୍ଥିତ ରାଜଶିବିର ଗବାକ୍ଷରୁ ସନ୍ୟାସୀ ସମୂହଙ୍କ ଯଜ୍ଞାଦି ଶୁଭକର୍ମ ଦେଖି ରାଜାଙ୍କୁ ଆଜ୍ଞା ମାଗିଲେ ତାଙ୍କ ଗହଣରେ ସାମିଲ ହେବାକୁ । ଅନୁମତି ନମିଳିବାରୁ ସେ ନିଜକୁ ରାଜାଙ୍କ ଗୁଲାମ ମନେକରି କୌଣସିମତେ ପହଞ୍ଚିଲେ ଗଙ୍ଗା ନଦୀ କୂଳରେ ନିଜର ପ୍ରାଣ ତ୍ୟାଗିବାକୁ । ମାଁ ଗଙ୍ଗାଙ୍କୁ ଭକ୍ତିପୂତ ସ୍ତୁତି ପରେ ପରଜନ୍ମରେ ତାଙ୍କୁ ସୁନ୍ଦରୀ କିମ୍ବା ରାଣୀ ନ କରିବାକୁ ଯାଚନା କଲେ ଏବଂ ଗଙ୍ଗା ଗର୍ଭରେ ଜଳ ସମାଧି ନେଲେ । ମାତା ଗଙ୍ଗାଙ୍କ ଆଶୀର୍ବାଦରୁ ଭୀଲ ସମ୍ପ୍ରଦାୟର ମୁଖିଆ ଅଜ ଓ ତାଙ୍କ ପତ୍ନୀ ଇନ୍ଦୁମତିଙ୍କ କନ୍ୟା ରୂପେ ପୁନର୍ଜନ୍ମ ହେଲା ତାଙ୍କର । ଜନ୍ମ ନାମ ଶ୍ରମଣା । ପରେ ସେ ମାତା ଶବରୀ ନାମରେ ଖ୍ୟାତ ହେଲେ । ଶବର କୁଳରେ ଜନ୍ମ ହୋଇଥିବାରୁ ବୋଧେ ତାଙ୍କ ନାମ ଶବରୀ ପଡିଛି । ଶ୍ରୀମଦ୍‌ଭଗବଦ ଗୀତା ବର୍ଣ୍ଣିତ ତିନି ପ୍ରମୁଖ ଯୋଗ ମଧରେ ଭକ୍ତିଯୋଗର ସ୍ଥାନ ସ୍ୱତନ୍ତ୍ର । କିସମ ଭେଦରେ ଭକ୍ତି ନଅ ପ୍ରକାର । ଶ୍ରବଣ , କୀର୍ତ୍ତନ , ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ , ସଖ୍ୟ ଓ ଆତ୍ମନିବେଦନ । ନବଧାଭକ୍ତି । ସତ୍ୟଯୁଗରେ ପ୍ରହଲ୍ଲାଦ ନିଜ ପିତା ହିରଣ୍ୟକଶ୍ୟପକୁ ନବଧାଭକ୍ତିର ଉପଦେଶ ଦେଇଥିଲେ । ମାତା ଶବରୀ ଯଦିଓ ରାମଚନ୍ଦ୍ରଙ୍କୁ ଝୁଠା ଖାଇବାକୁ ଦେଇଥିଲେ ତଥାପି ତାଙ୍କ ମନରେ ଦ୍ୱିଧା ଥିଲା । ନୀଚ ଜାତିର ହୋଇ ସେ ଯାହା କରିଛନ୍ତି ତାହା ଭୁଲ ନା ଠିକ ? ଶ୍ରୀରାମଚନ୍ଦ୍ରଙ୍କ ନବଧାଭକ୍ତି ଉପଦେଶ ତାଙ୍କର ସଂଶୟ ମୋଚନ କରିଥିବାର ବର୍ଣ୍ଣନ ରାମଚରିତ ମାନସରେ ଦେଖିବାକୁ ମିଳେ । ମାତା ଶବରୀଙ୍କ ରାମଭକ୍ତିର ପଟାନ୍ତର ନହିଁ । ଭକ୍ତିରୁ ଶକ୍ତି ମିଳେ ଓ ଭକ୍ତ ଶକ୍ତ ହୁଏ । ହୁଅନ୍ତୁ ପଛେ ସିଏ ନର କିମ୍ବା ନାରୀ, ଧନୀ କିମ୍ବା ନିର୍ଦ୍ଧନ, ରାଗୀ କିମ୍ବା ବୈରାଗୀ, ଯୋଗୀ କିମ୍ବା ଭୋଗୀ, ମୂକ କିମ୍ବା ବାଚାଳ, ବଡ଼ କିମ୍ବା ସାନ, ନୀଚ କିମ୍ବା ଉଚ୍ଚ କିମ୍ବା ତଥାକଥିତ ଛୁତ କିମ୍ବା ଅଛୁତ । ଅନନ୍ୟ ଭକ୍ତିର ଅସୀମ ଶକ୍ତି ନର କଣ ନାରାୟଣଙ୍କୁ ମଧ ବଶ କରିବାରେ ସକ୍ଷମ । ଥରଟିଏ ପ୍ରୟାସ କରି ଦେଖନ୍ତୁ ତ । ଖୁଦ ଅନୁଭବ କରିପାରିବେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ଭାରତୀୟ ଧାର୍ମିକ ସଂସ୍କୃତିରେ କର୍ମଫଳ ସିଦ୍ଧାନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି ସିଦ୍ଧାନ୍ତ ଅନୁସାରେ କର୍ମଫଳ ଅବଶ୍ୟ ପ୍ରାପ୍ତ ହୁଏ । ସତ୍‌କର୍ମର ଫଳ ଉତ୍ତମ; ଆଉ କୁକର୍ମର ଫଳ ଅଧମ । ଭାଗ୍ୟ ହେଉଛି ଆମ ଅତୀତ କର୍ମର ଫଳ । ମନୋବାଞ୍ଛିତ ଭାଗ୍ୟ ଗଠନ କରିବାକୁ ବର୍ତ୍ତମାନ ଆମର କର୍ମରେ ସୁଧାର ଆଣିବାକୁ ପଡ଼ିବ । କର୍ମ-ସିଦ୍ଧାନ୍ତ ହିଁ ଆମକୁ ପୁରୁଷାର୍ଥ ହାସଲ କରାଏ । ଉତ୍ତମ କର୍ମ କରିବାର ପ୍ରେରଣା ଯୋଗାଏ । କର୍ମଫଳ କେବଳ ଏ ଜନ୍ମ ସହ ନୁହେଁ, ବରଂ ଜନ୍ମଜନ୍ମାନ୍ତର ସହ ସଂଯୁକ୍ତ । ଗତ ଜନ୍ମର କର୍ମକୁ ଏବର କଷ୍ଟର କାରଣ ମନେକଲେ, ମନରେ ସହନଶୀଳତା ଓ ସନ୍ତୋଷ ଭାବ ଉଦ୍ରେକ ହୁଏ । ଆଗକୁ ସୁକର୍ମ କରିବାର ପଥ ଆପେ ଆପେ ଫିଟିଯାଏ । ମନରେ ଶକ୍ତି ସଞ୍ଚୟ ହୁଏ । ଏଣୁ ଏବର କର୍ମରେ ସଂଶୋଧନ ଦ୍ୱାରା ଭବିଷ୍ୟତର ସଂଶୋଧନ ସମ୍ଭବ । ଗୀତା ମତ ଦିଏ କର୍ମକର ଫଳ କଥା ଚିନ୍ତା କରନାହିଁ । କର୍ମଫଳ ଭଗବତ ପ୍ରଦତ୍ତ । କର୍ମଫଳ ସହ ସତ୍ୟ ସାଧନାର କିଛି ଅନ୍ତର୍ନିହିତ ସମ୍ପର୍କ ରହିଛି କି ? ଆସନ୍ତୁ ଏହା ଉପରେ ଛୋଟିଆ ଆଲୋଚନାଟି ରଖିବା । ପ୍ରକୃତ କଥା ହେଉଛି ସତ୍ୟ ଉପଲବ୍ଧି ପାଇଁ ତିନିଟି କଥା ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଲା ଲକ୍ଷ୍ୟ, ନିଷ୍ଠା ଓ ସମୟ । ଏଥପାଇଁ ସତ୍ୟ ସାଧକ ବା ଯୋଗୀ ସବୁ ସମୟରେ ସଚେତନ ରହିବା ଆବଶ୍ୟକ । ଲକ୍ଷ୍ୟ ସ୍ଥିର ରହିଲେ ସାଧକ କେବେହେଲେ ପଥଭ୍ରଷ୍ଟ ହୁଏନାହିଁ । ଲକ୍ଷ୍ୟ ପଥ କ୍ରମଶଃ ନିକଟତର ହୋଇଯାଏ । ସାଧକ ସର୍ବଦା ମନେରଖିବା ଉଚିତ ଯେ, ସେ ନିଜେ ହିଁ ସତ୍ୟର ଅବତାର ଏବଂ ସତ୍ୟ ଉପଲବ୍ଧ ହିଁ ତା' ଜୀବନର ଏକମାତ୍ର ଲକ୍ଷ୍ୟ । ସତ୍ୟକୁ ନିଜ ଜୀବନ କାଳରେ ପାଇବାର ବିଶ୍ୱାସ, ମନରେ ଦୃଢ଼ ହେବା ଦରକାର । ଦୃଢ଼ ବିଶ୍ୱାସ ବଳରେ ସାଧକ ସାଧନାର ଦ୍ୱିତୀୟ ସୋପାନ ନିଷ୍ଠା ପାଇଁ ମନ ଓ ପ୍ରାଣରେ ଶକ୍ତି ସଞ୍ଚାର କରିପାରିବ । ନିଷ୍ଠା ବଳରେ ସାଧକ ଆଧାତ୍ମିକ ସଫଳତା ପ୍ରାପ୍ତି ନିମନ୍ତେ ସମର୍ଥ ହେବ । ଲକ୍ଷ୍ୟ ଓ ନିଷ୍ଠା ଅତୁଟ ରହିଲେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ସିଦ୍ଧିଲାଭ ହେବ । ସାଧନାରେ ସିଦ୍ଧିଲାଭ ହିଁ ଅନ୍ତିମ ଲକ୍ଷ୍ୟ । ଗୋଟିଏ ଜନ୍ମରେ ଏହା ପାଇବା ଅସମ୍ଭବ । ସିଦ୍ଧିଲାଭ ଏକ ଅନିର୍ବଚନୀୟ ସନ୍ତୋଷ ଓ ନିତ୍ୟ ଆନନ୍ଦର ଉପଲବ୍ଧି ଯାହା ଦ୍ୱାରା ପରମାତ୍ମାଙ୍କ ସହ ଏକତ୍ୱ ସ୍ଥାପନ ହୋଇଥାଏ । ମହାତ୍ମାଗାନ୍ଧୀ କହନ୍ତି ସତ୍ୟ ହିଁ ଶ୍ରେଷ୍ଠ ସମ୍ପଦ । ସତ୍ୟ ହିଁ ଭଗବାନ । ସତ୍ୟର ଶରଣ ନିଅ, ଜୀବନ ମହିମାନ୍ୱିତ ହେବ ।

# ମାଂସାହାର ସର୍ବଥା ତ୍ୟାଜ୍ୟ

ମନୁଷ୍ୟ ପାଇଁ କୌଣସି ରୂପେ ମାଂସାହାର ଆଦର୍ଶ ଭୋଜନର ଶ୍ରେଣୀରେ ଆସେ ନାହିଁ । ମାଂସ ଭକ୍ଷଣକୁ ଶାରୀରିକ ପୋଷଣ ଓ ଶକ୍ତିର ଆଧାର ମାନିବା ଏକ ଭ୍ରାନ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ ହାତୀ, ଗଣ୍ଡାରୁ ନେଇ ଜିରାଫ, ଘୋଡ଼ାଙ୍କ ଭଳି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ସ୍ଫୁର୍ତିବାନ୍ ପ୍ରାଣୀ ସବୁ ଶାକାହାରୀ ହୋଇଥାନ୍ତି । ମନୁଷ୍ୟ ମଧରେ ବି କେତେକ ଶାକାହାରୀ ପହିଲମାନ ଥିଲେ ଓ ଆଜି ମଧ ଅଛନ୍ତି । ସେମାନେ ଶକ୍ତି, ସ୍ଫୁର୍ତ୍ତି ଓ ଆରୋଗ୍ୟ ଦୃଷ୍ଟିରୁ ମାଂସାହାରୀଙ୍କ ଠାରୁ କମ୍ ନୁହନ୍ତି, ବରଂ ସେମାନଙ୍କ ଠାରୁ ଅଧିକ ପ୍ରଭାବଶାଳୀ ଦେଖାଯାନ୍ତି ।

ବର୍ତ୍ତମାନ ପଶୁମାନଙ୍କ ମଧରେ ଯେପରି ଭାବରେ ସଂକ୍ରମଣ ହେଉଛି, ସେମାନଙ୍କ ମାଂସକୁ ଆହାର ରୂପେ ଉପଯୋଗ କରିବା ବିପଦକୁ ଆମନ୍ତ୍ରଣ ଦେବା ସଙ୍ଗେ ସମାନ । ଏହା ସହିତ ମାଂସ ପାଇଁ ପାଳିତ ଜୀବମାନଙ୍କ ମଧରେ ସେମାନଙ୍କ ଶରୀରର ଦ୍ରୁତ ବିକାଶ ପାଇଁ କେତେ ପ୍ରକାରର ଘାତକ ଜୈବ ରସାୟନର ଉପଯୋଗ କରା ଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇଥାଏ । ମାଂସକୁ ହଜମ କରିବା ପାଇଁ ଶରୀରକୁ ଅତିରିକ୍ତ ଶ୍ରମ କରିବାକୁ ପଡ଼ିଥାଏ । ମୋଟାମୋଟି ରୂପେ ତନୁ-ମନ ଉପରେ ମାଂସାହାରର ଖରାପ ପ୍ରଭାବ ପଡ଼ିଥାଏ । ଏହା ସାଙ୍ଗକୁ ଏହାର ତାମସିକ ପ୍ରଭାବ ମଧ ରହିଛି । ଏଣୁ କୌଣସି ରୂପେ ମାଂସାହାରକୁ ଉତ୍କର୍ଷର ଇଚ୍ଛା ରଖୁଥିବା ମନୁଷ୍ୟଙ୍କ ପାଇଁ ଉପଯୁକ୍ତ ଆହାର କୁହାଯାଇ ନ ପାରେ ।

ମାଂସାହାର ସହିତ ଜଡ଼ିତ ଜୀବ ହିଂସା ସବୁଠାରୁ ବିଚାରଣୀୟ ପକ୍ଷ । କୌଣସି ରୂପେ ନିରୀହ ଜୀବମାନଙ୍କୁ ହତ୍ୟାକରି ନିଜର ସ୍ୱାଦ ଲିପ୍ସାର ପୂର୍ତ୍ତିକୁ ଉଚିତ କୁହାଯାଇ ନ ପାରେ । ଏହା ସର୍ବଥା ଏକ ପାପଜନକ କୃତ୍ୟ, ଘୃଣିତ ଓ ତ୍ୟାଜ୍ୟ କର୍ମ ଅଟେ । କୌଣସି ବି ଆଧାତ୍ମିକ ଗ୍ରନ୍ଥ ମାଂସାହାରର ଅନୁମତି ଦିଏ ନାହିଁ । ମହାଭାରତରେ କୁହାଯାଇଛି– ଯେଉଁ ବ୍ୟକ୍ତି ଅନ୍ୟର ମାଂସ ଦ୍ୱାରା ନିଜର ମାଂସ ବଢ଼ାଇଥାଏ, ତା'ଠାରୁ ନୀଚ ଓ ନିର୍ଦ୍ଦୟ ମନୁଷ୍ୟ ଅନ୍ୟ କେହି ହୋଇ ନପାରେ ।

ମାଂସ ଘାସ, କାଠ ଓ ପଥରରୁ ଉତ୍ପନ୍ନ ହୋଇ ନଥାଏ । ମାଂସ କୌଣସି ପ୍ରାଣୀର ହତ୍ୟା କଲା ପରେ ହିଁ ମିଳିଥାଏ । ଏଥପାଇଁ ମାଂସ ଖାଇଲେ ଦୋଷ ଲାଗିଥାଏ । ଯେମିତି ପ୍ରତ୍ୟେକ ବ୍ୟକ୍ତିକୁ ନିଜର ପ୍ରାଣ ପ୍ରିୟ ଲାଗିଥାଏ, ସେମିତି ସମସ୍ତ ପ୍ରାଣୀଙ୍କୁ ମଧ ନିଜ ନିଜର ପ୍ରାଣ ପ୍ରିୟ ଲାଗିଥାଏ । ଏଣୁ ଯେଉଁ ବ୍ୟକ୍ତି ମାଂସ ତ୍ୟାଗ କରିଥାଏ, ସେ ସମସ୍ତ ପ୍ରାଣୀଙ୍କ ମଧରେ ଆଦରଣୀୟ, ଜୀବମାନଙ୍କର ବିଶ୍ୱସନୀୟ ଏବଂ ସାଧୁମାନଙ୍କ ଦ୍ୱାରା ସମ୍ମାନିତ ହୋଇଥାଏ ।

ଯେତେବେଳେ ଦେବୀ – ଦେବତାମାନଙ୍କ ନାମରେ ବଳି ପକାଇବା ଆଧାରରେ ମାଂସ ଭକ୍ଷଣର ସମର୍ଥନ ଓ ପୋଷଣ କରାଯାଇଥାଏ, ସେତେବେଳେ ମାଂସାହାର ସହିତ ଜଡ଼ିତ ଜଘନ୍ୟତା ଆହୁରି ଘନୀଭୂତ ହୋଇଯାଏ । ଏହା କୌଣସି ବି ରୂପେ, କୌଣସି ସଭ୍ୟ ଓ ସୁସଂସ୍କୃତ ସମାଜର ଅଂଗ ହୋଇ ନ ପାରେ ଏବଂ ଦେବ ସଂସ୍କୃତିରେ ତ ଏହାର ଆଦୌ ସ୍ଥାନ ନାହିଁ । ଯଦି କେଉଁଠି କୌଣସି କାରଣରୁ ଏପରି ହୋଇଛି ତ ଏହାକୁ ତତ୍‌କାଳ ବନ୍ଦ କରିବାର ଆବଶ୍ୟକତା ରହିଛି ।

ପୁଣି ମାଂସାହାର ସହିତ ଜଡ଼ିତ ପର୍ଯ୍ୟାବରଣୀୟ ପକ୍ଷ ମଧ ବିଚାରଣୀୟ । ଗ୍ରୀନ୍ ହାଉସ ଗ୍ୟାସ୍ ଉତ୍ସର୍ଜନ, ଭୂମିର ଉପଯୋଗ, ଜଳର ଉପଯୋଗ, ଜଳ ପ୍ରଦୂଷଣ ଓ ଜୈବ ବିବିଧତାର ହାନି ଭଳି ପାଞ୍ଚଟି କାରକ ଉପରେ ହୋଇଥବା ବୈଜ୍ଞାନିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମାଂସ ଖାଉଥିବ । ବ୍ୟକ୍ତି ମାନଙ୍କ ତୁଳନାରେ ଶାକାହାରୀମାନଙ୍କର ଆହାର ସମ୍ବନ୍ଧୀୟ ପ୍ରଭାବ କେବଳ ୩୦ ପ୍ରତିଶତ ହୋଇଥାଏ ।


ଏକ କିଲୋ ମାଂସ ପ୍ରସ୍ତୁତ କରିବା ପାଇଁ ୫୦୦୦ ରୁ ୨୦,୦୦୦ ଲିଟର ଜଳ ଖର୍ଚ୍ଚ ହୋଇଥାଏ । ଯଦ୍ୟପି ଏକ କିଲୋ ପନିପରିବା ଉତ୍ପାଦନରେ ୩୨୨ ଲିଟର ଜଳର ଉପଯୋଗ ହୋଇଥାଏ । ପୂର୍ବରୁ ହିଁ ଜଳ ସଂକଟ, ପର୍ଯ୍ୟାବରଣ ପ୍ରଦୂଷଣରୁ ନେଇ ଜୈବ ବିବିଧତାର ସଂକଟ ସହିତ ସଂଘର୍ଷ କରୁଥିବା ଧରିତ୍ରୀ, ମାଂସାହାରର ବିଳାସିତାକୁ ସହ୍ୟ କରି ପାରିବ ନାହିଁ ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

ବର୍ଷ ୨୮, ସଂଖ୍ୟା - ୪୮, ୧ - ୭ ଡିସେମ୍ବର ୨୦୨୪

# ଦୁଇ ରାଜ୍ୟର ନିର୍ବାଚନରେ ସନ୍ଦେଶ

ଗତ ଲୋକସଭା ନିର୍ବାଚନ ପରେ ହୋଇଥିବା ଜାମ୍ମୁକାଶ୍ମୀର ଓ ହରିଆନା ବିଧାନସଭା ନିର୍ବାଚନ ଫଳାଫଳ ଯେପରି ଦେଶର ଦୁଇ ପରସ୍ପର ବିରୋଧୀ ପକ୍ଷ ମଧ୍ୟରେ ବାଣ୍ଟି ହୋଇଯାଇଥିଲା ଏବେ ମହାରାଷ୍ଟ୍ର ଓ ଝାଡଖଣ୍ଡ ନିର୍ବାଚନରେ ତା'ର ପୁନରାବୃତ୍ତି ଘଟିଛି । ମହାରାଷ୍ଟ୍ରରେ ଶାସନରେ ଥିବା ମହାୟୁତି ମେଣ୍ଟ ଗତ ଲୋକସଭା ନିର୍ବାଚନ ବେଳର ଫଳାଫଳକୁ ଓଲଟାଇ ଦେଇ ଏଥର ଅତି ସନ୍ତୋଷଜନକ ବିଜୟ ହାସଲ କରି ପୁଣି କ୍ଷମତାକୁ ଫେରିଛି । ଝାଡଖଣ୍ଡରେ ଶାସକ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ମେଣ୍ଟ ସମସ୍ତ ନିର୍ବାଚନ କଳ୍ପନାଜଳ୍ପନାକୁ ପଛରେ ପକାଇ ଦେଇ ପୁନର୍ବାର କ୍ଷମତା ଦଖଲ କରିଛି । ଏହାଦ୍ୱାରା ଦୁଇଥର ଯାକର ରାଜ୍ୟ ବିଧାନସଭା ନିର୍ବାଚନରେ ଏନଡିଏ ଓ ତା'ର ଇଣ୍ଡିଆ ମେଣ୍ଟ ଗୋଟିଏ ଲେଖାଏଁ ରାଜ୍ୟକୁ ଦଖଲ କରିଛନ୍ତି । ଏତିକି ଯେ, ହରିଆନାରେ କ୍ଷମତାରେ ଥିବା ବିଜେପି ବିସ୍ମୟକର ଭାବେ ଯେଉଁଭଳି ପୁଣି ଅଧିକ ଭୋଟରେ ଜିଣିଥିଲା ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ଅନୁରୂପ ସଫଳତା ଦେଖାଇଛି । ମୋଟାମୋଟି ଭାବେ ଏବର୍ଷର ଲୋକସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପିକୁ ଲଗାତର ତୃତୀୟବାର କ୍ଷମତାକୁ ଆଣିଥିଲେ ସୁଦ୍ଧା ତାଙ୍କ ଦଳର ସଂଖ୍ୟା ଗରିଷ୍ଠତା ପୂର୍ବ ଅପେକ୍ଷା କମିଯିବାରୁ ଯେଉଁଭଳି ଅନ୍ୟ ଅଂଶୀଦାରମାନଙ୍କୁ ନେଇ ଏନଡିଏର ଗୁରୁତ୍ୱ ବଢାଇବାକୁ ବାଧ ହେଲେ ହରିଆନା ପରେ ଏବେ ମହାରାଷ୍ଟ୍ର ପରି ଦେଶର ପ୍ରଧାନ ରାଜ୍ୟରେ ବିଜେପିର ସଫଳତା ଦଳର ଜାତୀୟ ପ୍ରାଧାନ୍ୟକୁ ପୁନଃ ପ୍ରତିଷ୍ଠା କରିଛି । ମହାରାଷ୍ଟ୍ରରେ ଦୀର୍ଘଦିନର ସହଯୋଗୀ ଶିବସେନା ନେତା ଉଦ୍ଧବ ଠାକରେଙ୍କ ସହ ମତଭେଦ ଯୋଗୁଁ ୨୦୧୯ ନିର୍ବାଚନ ପରେ ବିଜେପି କ୍ଷମତାରେ ଆଉ ରହିପାରିନଥିଲା । ସେଠାରେ ଠାକରେ ଏନସିପି ନେତା ଶରଦ ପାୱାର ଓ କଂଗ୍ରେସ ସହଯୋଗରେ ଏମଭିଏ ସରକାର ଗଠନ କରିଥିଲେ । କିନ୍ତୁ ୨୦୨୨ ମଧ୍ୟ ଭାଗରେ ଶିବସେନାରେ ବିଭାଜନ କରାଇ ବିଜେପି ଏବେକାର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ସଂଖ୍ୟାତ୍ମକ ଶିବସେନା ବିଧାୟକଙ୍କୁ ଆଣି ବିକଳ୍ପ ସରକାର ଗଢିଥିଲା । ଏନସିପିରେ ମଧ୍ୟ ଶରଦ ପାୱାରଙ୍କ ପୁତୁରା ଅଜିତ ପାୱାର ଦଳରେ ବିଭାଜନ କରାଇ ନୂଆ ସରକାରରେ ସାମିଲ ହୋଇଥିଲେ । ଏହି ତିନିପକ୍ଷର ମେଣ୍ଟ ମହାୟୁତି ନାମରେ ଏଯାଏଁ ସରକାରରେ ରହିଆସିଛି । ବିଜେପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ତାଙ୍କ ଦଳର ଅଧିକ ସଭ୍ୟ ଥିଲେ ବି ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦରେ ଏବେ ରହି ଆସିଛନ୍ତି ଓ ଏଥର ମେଣ୍ଟର ବିଜୟରେ ଓ ବିଶେଷ ଭାବରେ ବିଜେପିର ସଫଳତା ପଛରେ ତାଙ୍କର ଭୂମିକା ବେଶୀ ଥିବା କୁହାଯାଉଛି । ବିଜେପି ଏଥର ନିର୍ବାଚନରେ ଚତୁରତାର ସହ ମହାରାଷ୍ଟ୍ର ଭିତ୍ତିକ ଦୁଇଟି ପୁରୁଣା ଦଳ ଶିବସେନା ଓ ଏନସିପିର ମୂଳ ନେତୃତ୍ୱକୁ ଦୋହଲାଇ ଦେଇଛି । ନିର୍ବାଚନ ଫଳାଫଳ ମୂଳ ଶିବସେନା ଓ ଏହାର ନେତା ଉଦ୍ଧବ ଠାକରେଙ୍କୁ ଓ ମୂଳ ଏନସିପି ଓ ତା'ର ପ୍ରତିଷ୍ଠାତା ପରିଣତ ବୟସରେ ପହଞ୍ଚିଥିବା ଶରଦ ପାୱାରଙ୍କ ପ୍ରଭାବକୁ ଗୌଣ ପ୍ରମାଣିତ କରିଛି । ଏଥର ଫଳାଫଳ ସ୍ୱାଭାବିକ ଭାବେ ବିଜେପିକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ହକଦାର କରିବ । ଗତ ଲୋକସଭା ନିର୍ବାଚନରେ ରାଜ୍ୟର ୪୮ଟି ଆସନରୁ ମହାୟୁତି ମାତ୍ର ୧୭ଟି ସିଟ ପାଇଥିଲା ଓ ଏମଭିଏ ଭଲ କରିଥିଲା । ତେଣୁ ମୂଳରୁ ବିଧାନସଭା ନିର୍ବାଚନରେ ଲୋକସଭା ଫଳାଫଳର ପୁନରାବୃତ୍ତି ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଗତ କେଇମାସ ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ଜରିଆରେ ଓ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ଆରମ୍ଭ କରି ମହାୟୁତି ଚିତ୍ରପଟ୍ଟକୁ ବଦଳାଇ ଦେବାରେ ସଫଳ ହୋଇଛି । ମଧ୍ୟପ୍ରଦେଶ ଢାଞ୍ଚାରେ 'ଲାଡଲି ବହନ' ଯୋଜନା ପ୍ରବର୍ତ୍ତନ କରି ରାଜ୍ୟ ସରକାର ମହିଳାଙ୍କୁ ଯେଉଁ ଭତ୍ତା ଦେଉଛନ୍ତି ତାହା ଏଥର ଭୋଟରେ ଶାସକ ପକ୍ଷକୁ ସାହାଯ୍ୟ କଲା । ଓଡ଼ିଶାରେ ବିଜେପି ସରକାର କରିଥିବା ସୁଭଦ୍ରା ଯୋଜନା ସହ ଏହା ତୁଳନୀୟ । ମୁଖ୍ୟମନ୍ତ୍ରୀ ସିନ୍ଦେ ଭୋଟ ଜିଣିବା ପରେ ଏହି ଯୋଜନାର ରାଜନୈତିକ ଫାଇଦାକୁ ସ୍ୱୀକାର କରିଛନ୍ତି । ପୁଣି ସେଠାରେ କୁହାଯାଇଛି ଯେ, ନୂଆ ସରକାର ଭତ୍ତାକୁ ଆହୁରି ବଢାଇବ । ବିଜେପି ମଧ୍ୟ ବିଭିନ୍ନ ରାଜନୈତିକ ଚାଲେଞ୍ଜକୁ ଚତୁରତାର ସହ ପ୍ରତିହତ କଲା । ମରାଠା କୋଟା ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ପଛୁଆବର୍ଗର ବିଭିନ୍ନ ଶ୍ରେଣୀଙ୍କୁ ବିଶ୍ୱାସକୁ ନେଲା । ଦଳ ଆରଏସଏସର ସବୁ ଗୋଷ୍ଠୀକୁ ପ୍ରଚାରରେ ନିୟୋଜିତ କଲା । କିନ୍ତୁ ମହାରାଷ୍ଟ୍ର ଭୋଟରମାନଙ୍କର ଏଥର ସୃଷ୍ଟ ରାୟ ରାଜ୍ୟକୁ ସାହାଯ୍ୟ କରିବ । ଯେହେତୁ ବିଜେପି କେନ୍ଦ୍ରରେ କ୍ଷମତାରେ ଅଛି, ମହାରାଷ୍ଟ୍ର ଭଳି ଗୁରୁତ୍ୱ ଥିବା ରାଜ୍ୟକୁ ନୂଆଦିଲ୍ଲୀ ଅଧିକ ସମର୍ଥନ ଦେବ । ମହାରାଷ୍ଟ୍ରର ବିଧାନସଭା ଆସନ ସଂଖ୍ୟା ୨୮୮ ଥିବା ବେଳେ ତା'ସହ ନିର୍ବାଚନ ହୋଇଥବା ଝାଡଖଣ୍ଡର ବିଧାନସଭା ସିଟ ସଂଖ୍ୟା ୮୧ । ଝାଡଖଣ୍ଡର ହେମନ୍ତ ସୋରେନଙ୍କ ଜେଏମଏମ ନେତୃତ୍ୱାଧୀନ ମେଣ୍ଟ ସରକାର ଯେଉଁଥିରେ କଂଗ୍ରେସ, ଆରଜେଡି ଓ ସିପିଆଇ (ଏମଏଲ) ଅଛନ୍ତି । ଉକ୍ତ ଗଠବନ୍ଧନ ଲଗାତର ଦ୍ୱିତୀୟ ବାର ସନ୍ତୋଷଜନକ ଭୋଟ୍‌ରେ ପୁଣି କ୍ଷମତାକୁ ଫେରିଛି । ହେମନ୍ତଙ୍କ ସହ ତାଙ୍କର ଓଡ଼ିଶା ଜନ୍ମିତା ପତ୍ନୀ କଳ୍ପନା ସୋରେନ ଏଥର ଜିଣିଛନ୍ତି । ଯଦିଓ ବିଜେପି ସେ ସେଠାକାର ନୁହନ୍ତି ବୋଲି ପ୍ରଚାର କରୁଥିବା ଏବଂ ସୋରେନ ଦମ୍ପତିଙ୍କୁ ବଣ୍ଟି ଔର ବବଲି ବୋଲି ବର୍ଣ୍ଣନା କରୁଥିଲା । ଆଦିବାସୀ ବହୁଳ ଏହି ରାଜ୍ୟରେ ବିଜେପି ଅନୁପ୍ରବେଶକାରୀମାନଙ୍କୁ ସୁଯୋଗ ଦିଆଯାଉଛି ଓ ଆଦିବାସୀମାନଙ୍କ ସଂଖ୍ୟା କମିଯାଉଛି ବୋଲି ଅଭିଯୋଗ କରୁଥିଲେ ମଧ୍ୟ ତା'ର ପ୍ରଭାବ ପଡିଲାନାହିଁ । ହେମନ୍ତଙ୍କୁ ଦୁର୍ନୀତି ଅଭିଯୋଗରେ ପୂର୍ବରୁ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଗିରଫ କରାଯାଇ ଜେଲରେ ରଖାଯାଇଥିଲେ ସୁଦ୍ଧା ତାହା ଯେ ଭୋଟରଙ୍କୁ ପ୍ରଭାବିତ କରିନାହିଁ ଫଳାଫଳରୁ ସ୍ପଷ୍ଟ ହୋଇଯାଇଛି । ବରଂ ଏହା ସ୍ଥାନୀୟ ଆଦିବାସୀ ହେମନ୍ତଙ୍କ ସପକ୍ଷରେ ସହାନୁଭୂତି ସୃଷ୍ଟି କରି ଦେଇଥାଇପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବିଜେପିର ସବୁ କେନ୍ଦ୍ରୀୟ ନେତା ଝାଡଖଣ୍ଡରେ ଜୋରସୋରରେ ପ୍ରଚାର କରିଥିଲେ । ହେମନ୍ତ ସୋରେନଙ୍କ ସରକାର ମଧ୍ୟ ମହିଳାଙ୍କ ପାଇଁ ମହିଳା ସମ୍ମାନ ଯୋଜନା ଲାଗୁ କରି ମାସକୁ ୧ ହଜାର ଟଙ୍କା ଭତ୍ତା ଦେଉଥିଲେ ତାହା ମହାରାଷ୍ଟ୍ରରେ ମହାୟୁତିକୁ ମିଳିଥିବା ଫାଇଦା ଭଳି ଝାଡଖଣ୍ଡରେ ଜେଏମଏମ ମେଣ୍ଟକୁ ଲାଭ ଦେଇଛି । ଉଭୟ ରାଜ୍ୟରେ ମହିଳାମାନେ ଯେ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଆସିଥିଲେ ସେଥିରୁ ଏହା ପ୍ରମାଣିତ । ଦୁଇ ରାଜ୍ୟରେ ରାଜ୍ୟର ଫଳାଫଳରେ କଂଗ୍ରେସର ଗୌଣ ସ୍ଥିତି ସୂଚୀତ ହୋଇଛି ।



# ସ୍ୱେଚ୍ଛାକୃତ ଆତ୍ମବୈରାଗ୍ୟ

## ମହାତ୍ମା ଗାନ୍ଧୀ

**ଆମ** ସଭ୍ୟତା, ଆମ ସଂସ୍କୃତି ଓ ଆମ ସ୍ୱରାଜ୍ୟ ଏଗୁଡିକ ଆମ ଆବଶ୍ୟକତାଗୁଡିକୁ ବହୁଗୁଣ ଅଧିକ କରିବା ଉପରେ ଓ ଭୋଗାସକ୍ତ ହେବା ଉପରେ ନିର୍ଭର କରିବ ନାହିଁ, ସେଗୁଡିକ ଆମର ଆବଶ୍ୟକତାଗୁଡିକୁ ସ୍ୱଳ୍ପରୁ ସ୍ୱଳ୍ପତର କରି ଆଣିବା ଉପରେ ଆମର ଆତ୍ମବୈରାଗ୍ୟ ଉପରେ ହିଁ ନିର୍ଭର କରନ୍ତି ।

ଅପରିଗ୍ରହ ସହିତ ଆସ୍ତେୟ ଯୋଡ଼ା ହୋଇ ରହିଛି । ଆମର ଆବଶ୍ୟକତା ନ ଥିଲେ ମଧ୍ୟ ଯଦି ଆମେ କୌଣସି ବସ୍ତୁର ଅଧିକାରୀ ହୋଇଛୁ, ପ୍ରକୃତରେ ଚୋରି କରି ଅଣାଯାଇ ନଥିଲେ ମଧ୍ୟ ସେହି ବସ୍ତୁକୁ ଅବଶ୍ୟ ଚୋରି ହୋଇ ଆସିଥିବା ସମ୍ପତ୍ତି ବୋଲି କୁହାଯିବ । ଅଧିକାରୀତ୍ୱର ଅର୍ଥ ହେଉଛି ଭବିଷ୍ୟତ ପାଇଁ ସାଇତି ରଖିବା । ସତ୍ୟର ଅନୁସନ୍ଧାନ କରୁଥିବା, ପ୍ରେମଧର୍ମର ଅନୁଗାମୀ ହୋଇଥିବା ଜଣେ ବ୍ୟକ୍ତି ଆଗାମୀ କାଲି ନିମନ୍ତେ ଆଦୌ କୌଣସି ବସ୍ତୁକୁ ଯାବୁଡ଼ି ଧରିବାକୁ ମନ କରିବ ନାହିଁ । ଭଗବାନ ଆଗାମୀ କାଲି ନିମନ୍ତେ କଦାପି କିଛି ସାଇତି ରଖନ୍ତି ନାହିଁ । ଉପସ୍ଥିତ ମୁହୂର୍ତ୍ତଟି ନିମନ୍ତେ ଯେତିକି ଆବଶ୍ୟକ ଈଶ୍ୱର କେବେହେଲେ ତା'ଠାରୁ ଅଧିକ କରି କିଛି ସୃଷ୍ଟି କରନ୍ତି ନାହିଁ । ତେଣୁ, ଯଦି ଆମେ ସେହି ଈଶ୍ୱରଙ୍କର ବିଧାନ ଉପରେ ହିଁ ବିଶ୍ୱାସ ରଖିଥିବା, ତେବେ ସେ ଯେ ଆମକୁ ଆମର ପ୍ରତିଦିନର ଆବଶ୍ୟକ ବସ୍ତୁଗୁଡିକୁ ଅବଶ୍ୟ ଯୋଗାଇ ଦେବେ, ଆମକୁ ଆମ ପ୍ରତିଦିନର ଆହାର ଅବଶ୍ୟ ଆଣିଦେବେ, ଆମକୁ ସେହି ବିଷୟରେ ସୁନିଶ୍ଚିତ ହୋଇ ରହିବାକୁ ହେବ ।

ସେହି ଦିବ୍ୟ ପରମବିଧାନଟି ହିଁ ଆମକୁ ଆମର ଦୈନନ୍ଦିନ ଆହାର ଆଣି ଯୋଗାଇ ଦେଇଥାଏ ଏବଂ ତା' ଠାରୁ ଅଧିକ ଆଉ କିଛିହେଲେ କଦାପି ଦିଏ ନାହିଁ, ସେହି ବିଧାନ ବିଷୟରେ ଆମେ ଅଜ୍ଞାନ ରହିଥିବାରୁ ଅଥବା ସେଇଟିର ହେଳା କରିଥିବାରୁ ହିଁ ଯାବତୀୟ ଅସମାନତା ଜନ୍ମଲାଭ କରିଛି ଏବଂ ସେହି ଅସମାନତାରୁ ଯାବତୀୟ ଦୁଃଖ ଭୋଗ ନିଷ୍ପନ୍ନ ହୋଇ ଆସିଛି । ଧନୀମାନଙ୍କ ପାଖରେ ବସ୍ତୁଗୁଡିକର ଅତିରିକ୍ତ ଭଣ୍ଡାର ରହିଛି, ଯେଉଁଗୁଡିକ ଲାଗି ସେମାନଙ୍କର ଆଦୌ କୌଣସି ଆବଶ୍ୟକତା ନାହିଁ ଏବଂ ତେଣୁ ସେଗୁଡିକର ଅବହେଳା ତଥା ବରବାଦ ହେବାରେ ଲାଗିଛି, ତେଣେ ଆହାର ନ ପାଇ କୋଟି କୋଟି ମନୁଷ୍ୟ ଉପବାସରେ ମରୁଛନ୍ତି ।

ପ୍ରତ୍ୟେକ ବ୍ୟକ୍ତିର ଯେତିକି ଆବଶ୍ୟକ, ଯଦି ସେ ନିଜ ପାଖରେ କେବଳ ସେତିକି ରଖୁଥାନ୍ତା, ତେବେ ଆଦୌ କେହି ଅଭାବରେ ରହନ୍ତେ ନାହିଁ ଏବଂ ସମସ୍ତେ ପୂର୍ଣ୍ଣତୋଷ ହୋଇ ବାସ କରି ପାରନ୍ତେ । ମାତ୍ର ବର୍ତ୍ତମାନ ସ୍ଥିତି ଯେପରି ରହିଛି, ସେଥିରେ ଦରିଦ୍ରମାନେ ଯେତିକି ଅସନ୍ତୋଷ ଭିତରେ ରହିଛନ୍ତି, ଧନୀମାନେ ମଧ୍ୟ ସେତିକି ଅସନ୍ତୋଷ ମଧ୍ୟରେ ରହିଛନ୍ତି । ଦରିଦ୍ର ମନୁଷ୍ୟଟି ଲକ୍ଷପତି ହେବ ବୋଲି ଉତ୍ସୁକ ହୋଇ ରହିଛି ଏବଂ ଜଣେ ଲକ୍ଷପତି ମଧ୍ୟ ଜଣେ ବହୁଲକ୍ଷପତି ହେବ ବୋଲି ଅଭିଳାଷ ରଖିଛି ।

ଏହି ସନ୍ତୋଷ ଭାବଟି ଯେପରି ବିଶ୍ୱମୟ ହୋଇପାରିବ, ସେଥିଲାଗି ଅପରିଗ୍ରହର କ୍ଷେତ୍ରରେ ଧନୀ ବ୍ୟକ୍ତିକୁ ହିଁ ଆଗ ଏକ ପଦକ୍ଷେପ ନେବାକୁ ପଡିବ । ସେମାନେ ଯଦି ଆପଣାର ସମ୍ପତ୍ତିକୁ କେବଳ ଏକ ମିତାଚାରଯୁକ୍ତ ସୀମା ଭିତରେ ରଖିପାରିବେ, ତେବେ ଉପବାସୀମାନଙ୍କୁ ସହଜରେ ଆହାର ମିଳିଯିବ ଏବଂ ଏମାନେ ମଧ୍ୟ ଧନୀମାନଙ୍କ ସହିତ ସନ୍ତୁଷ୍ଟ ହୋଇ ରହିବାର ଶିକ୍ଷାଟିକୁ ଅବଶ୍ୟ ଶିଖି ପାରିବେ ।

ଅପରିଗ୍ରହର ଆଦର୍ଶଟିକୁ ସଂପୂର୍ଣ୍ଣଭାବରେ ପୂରଣ କରି ପାରିବାକୁ ହେଲେ ମନୁଷ୍ୟ, ଠିକ୍ ଚଢ଼େଇମାନଙ୍କ ପରି, ତା' ମୁଣ୍ଡ ଉପରେ ଆଦୌ କୌଣସି ଛାତ ରହୁ ବୋଲି ଆବଶ୍ୟକ କରିବା ନାହିଁ ଏବଂ ଆଗାମୀ କାଲି ନିମନ୍ତେ କୌଣସି ବସ୍ତୁ କିମ୍ବା କୌଣସି ଖାଦ୍ୟଭଣ୍ଡାରକୁ ସଞ୍ଚୟ କରି ରଖିବ ନାହିଁ । ପ୍ରତ୍ୟେକ ଦିନର ଆହାର ଲାଗି ତା'ର ଆବଶ୍ୟକତା ରହିଥିବ, ମାତ୍ର ତାହାକୁ ଆଣି ଯୋଗାଇଦେବା ତା' ନିଜର ନୁହେଁ, ଭଗବାନଙ୍କର ହିଁ କାର୍ଯ୍ୟ ହୋଇ ରହିଥିବ । ଏକଥା ଯଦି ଆଦୌ ସମ୍ଭବ ହୁଏ, ତେବେ ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ସେହି ଆଦର୍ଶଟିରେ ଯାଇ ପହଞ୍ଚି ପାରିବେ । ଏହାର ଉପଲବ୍ଧି ଆମଲାଗି ଅସମ୍ଭବପ୍ରାୟ ଲାଗୁଥିଲେ ମଧ୍ୟ ଆମେ ସାଧାରଣ ପଥଯାତ୍ରୀମାନେ ତଦ୍ୱାରା କଦାପି ନିରାଶ ହୋଇ ପଡିବା ନାହିଁ । ମାତ୍ର, ଆମେ ସେହି ଆଦର୍ଶଟିକୁ ନିଜ ଦୃଷ୍ଟି ସମ୍ମୁଖରେ ସତତ ଧାରଣ କରି ରଖିଥିବା ଏବଂ ତାହାରି ପରିପ୍ରେକ୍ଷୀରେ ଆମ ନିଜର ଧନସମ୍ପତ୍ତିକୁ ଅତ୍ୟନ୍ତ ସମୀକ୍ଷାତ୍ମକ ଭାବରେ ପରୀକ୍ଷା କରି ଦେଖୁଥିବା ଏବଂ ସେଗୁଡିକୁ ହ୍ରାସ କରି ଆଣିବାଲାଗି ଚେଷ୍ଟା କରୁଥିବା ।

ସଭ୍ୟତାକୁ ତାହାର ପ୍ରକୃତ ଅର୍ଥରେ ବୁଝିଲେ ତାହା କଦାପି ଅଭାବଗୁଡିକର ବହୁଗୁଣୀକରଣକୁ ନୁହେଁ, ମାତ୍ର ଇଚ୍ଛାକୃତ ତଥା ସ୍ୱେଚ୍ଛାପ୍ରବୃତ୍ତଭାବରେ ସେଗୁଡିକୁ ଅଧିକରୁ ଅଧିକ ହ୍ରାସ କରି ଆଣିବା ଲାଗି ଚେଷ୍ଟା କରୁଥିବ ।

ବିଶୁଦ୍ଧ ସତ୍ୟର ଦୃଷ୍ଟି ବିଚାରି ଦେଖିଲେ ଏହି ଶରୀରକୁ ମଧ୍ୟ ଏକ ସମ୍ପତ୍ତି ବୋଲି କୁହାଯିବ । ଏହି କଥାଟିକୁ ଯଥାର୍ଥରେ କୁହାଯାଇଛି ଯେ, ଉପଭୋଗର ବାସନା ହିଁ ଆତ୍ମାଲାଗି ଶରୀରଗୁଡିକୁ ସୃଷ୍ଟି କରିଥାଏ । ଯେତେବେଳେ ସେହି ବାସନାଟି ଅନ୍ତର୍ହିତ ହୋଇଯାଏ, ସେତେବେଳେ ଶରୀର ଧାରଣ କରି ରହିବାର ଆଉ କୌଣସି ଆବଶ୍ୟକତା ରହେ ନାହିଁ ଏବଂ ମନୁଷ୍ୟ ଜନ୍ମ ଓ ମୃତ୍ୟୁର ବିଷଚକ୍ରଟି ମଧ୍ୟରୁ ମୁକ୍ତ ହୋଇ ବାହାରି ଆସେ । ଆତ୍ମା ତ ସର୍ବବିଦ୍ୟମାନ୍, ସିଏ କାହିଁକି ଏହି ପିଞ୍ଜରାବତ୍ ଶରୀରଟା ଭିତରେ ବାନ୍ଧି ହୋଇ ରହିବାକୁ ଇଚ୍ଛା କରିବ ଏବଂ ସେହି ପିଞ୍ଜରାଟି ସକାଶେ ମନ୍ଦ ଆଚରଣ କରିବ ଓ ଏପରିକି ହତ୍ୟା କରିବା ନିମନ୍ତେ ମଧ୍ୟ ମନ ବଳାଇବ ?

# ମାଂସାହାର ସର୍ବଥା... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଆଇନ୍ ଷ୍ଟାଇନଙ୍କ ଭଳି ବୈଜ୍ଞାନିକ ଶିରୋମଣି କହୁଥିଲେ ଯେ ଆମର ସଂସ୍କୃତି ଉପରେ ଶାକାହାରର ଗଭୀର ପ୍ରଭାବ ପଡ଼ିଥାଏ ଏବଂ ଯଦି ବିଶ୍ୱ ଶାକାହାରକୁ ଗ୍ରହଣ କରିବ, ତେବେ ମନୁଷ୍ୟର ଭାଗ୍ୟ ବଦଳିଯିବ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି କଥା ନାହିଁ । ସେହି ସମୟର ବିଭୂତି ଲିଓନାର୍ଡୋ ଦା ଭିନ୍ସି ଫଂଜୁରୀରେ ବନ୍ଦୀଥିବା ପକ୍ଷୀମାନଙ୍କୁ କିଣି ନେଇ ସେମାନଙ୍କୁ ଉଡ଼ାଇ ଦେଉଥିଲେ । ବର୍ତ୍ତମାନ ସମସ୍ତ ବୈଜ୍ଞାନିକ ଅନୁସନ୍ଧାନ ପ୍ରମାଣିତ କରୁଛି ଯେ ଶାକାହାର ସର୍ବୋତ୍ତମ ଆହାର ଅଟେ, ଯାହା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳି ପାରିବ । ଭାରତ ତ ଶାକାହାର ଖାଇବା-ପିଇବାର ଦେଶ । ଶାସ୍ତ୍ରଗୁଡ଼ିକରେ ମାଂସାହାରକୁ ସର୍ବଥା ନିନ୍ଦିତ ଓ ତ୍ୟାଜ୍ୟ କୁହାଯାଇଛି । ମାଂସାହାରୀ ତୁଳନାରେ ଶାକାହାରୀ କମ୍ ଅବସାଦ ଗ୍ରସ୍ତ ହୋଇଥାଏ, ଏହା ମଧ୍ୟ ପ୍ରୟୋଗସିଦ୍ଧ । ଶ୍ରୀମଦ୍ ଭଗବଦ୍‌ଗୀତା ଅନୁସାରେ ମାଂସାହାର ଆସୁରୀ ଗୁଣ ଅଟେ । ଏହାକୁ ତାମସିକ ଭୋଜନର ମାନ୍ୟତା ମିଳିଛି । ଏ ପ୍ରକାର ଭୋଜନ ବ୍ୟକ୍ତିକୁ ଅଳସୁଆ, ରୋଗୀ ଓ ଦୁଃଖୀ କରିଥାଏ । ମହାଭାରତରେ କୁହାଯାଇଛି ଯେ କୌଣସି ବ୍ୟକ୍ତି ଯଦି ଶହେ ଅଶ୍ୱମେଧ ଯଜ୍ଞ କରେ ଏବଂ ଅନ୍ୟ ଜଣେ ବ୍ୟକ୍ତି ଜୀବନ ପର୍ଯ୍ୟନ୍ତ ମାଂସ ଖାଏ ନାହିଁ, ତାହେଲେ ଦୁଇ ଜଣଙ୍କ ମଧ୍ୟରେ ଶାକାହାରୀକୁ ଅଧିକ ପୁଣ୍ୟ ମିଳିବ । ଏହିପରି ଶାକାହାର ପ୍ରତ୍ୟେକ ରୂପେ ଗ୍ରହଣୀୟ । ଯଦି ମାଂସାହାର କୌଣସି ରୂପେ ଆମ ଜୀବନଶୈଳୀର ଅଂଗ ହୋଇଯାଇଛି, ତେବେ ତାକୁ ସମୟ ଥାଉ ଥାଉ ଛାଡ଼ିଦେବା ଉଚିତ, ହିତକର ଓ ବୁଦ୍ଧିମତ୍ତା ହେବ । ଶାକାହାର ଏକ ସ୍ୱସ୍ଥ, ନୀରୋଗ, ସୁଖୀ ଓ ପ୍ରତ୍ୟେକ ଦୃଷ୍ଟିରୁ ସମୁନ୍ନତ ଜୀବନର ଆଧାର । ଏହାକୁ ସ୍ୱୟଂ ଆପଣାନ୍ତୁ ଏବଂ ପରିବାର ତଥା ସମାଜରେ ଏହାର ପ୍ରଚଳନକୁ ପ୍ରୋତ୍ସାହିତ କରନ୍ତୁ । ଏଥିରେ ଦେବ ସଂସ୍କୃତିର ସଚ୍ଚା ସେବା ଓ ପ୍ରସାରର ଭାବ ମଧ୍ୟ ଅନ୍ତର୍ନିହିତ ।


# ସ୍ୱର୍ବେଦ

**ପିଓ୍ୱ ସଂଗ ସେ ପ୍ୟାରୀ ଚଲୀ,**
**ସଖିନ ଓ୍ୱଚନ ମୁସୁକାନ ।**
**ଅନୁଭଓ୍ୱ ଗମ ଦୋନୋଁ ଭଲୀ,**
**ପିଓ୍ୱ ସୁଖ ଦୋନୋଁ ଜାନ ।।୩୪।।**

ଭାଷ୍ୟ - ଦୁଇ ପତି ବିଶିଷ୍ଟ ସୋହାଗିନୀ ସ୍ତ୍ରୀ ନିଜର ଇନ୍ଦ୍ରିୟ ସୁଖକୁ ଜାଣେ । ସେ ନିଜର ଅନ୍ୟ ସଖୀର କଥା ଶୁଣି ସ୍ମିତ ହାସ କରେ, କାହିଁକି ନା ସେ ଦୁହେଁ ପତିର ସୁଖକୁ ଅନୁଭବ କରି ଜାଣି ସାରିଲେଣି । ଏହି ଦୋହାରେ ବ୍ରହ୍ମାନନ୍ଦ ମହାନ୍ ସୁଖର ବ୍ୟାଖ୍ୟା କରି ସ୍ତ୍ରୀ ପୁରୁଷଙ୍କର ଇନ୍ଦ୍ରିୟ ସୁଖର ଉଦାହରଣ ଦେଇ ବର୍ଣ୍ଣନା କରାଯାଇଛି ।

**ଭୋଗ ସମ୍ପଦା ଜଗତ କେ, ତ୍ୟାଗି**
**ଓ୍ୱିପିନ ଲିୟ ଓ୍ୱାସ ।**
**କନ୍ଦମୂଲ ଫଲ ଅସନ ହୈ,**
**କଓ୍ୱନେ ସୁଖ କୀ ଆଶ ।।୩୫।।**

ଭାଷ୍ୟ - ବୈରାଗ୍ୟବାନ ପୁରୁଷ ସଂସାରର ସମସ୍ତ ଭୋଗ ଆଉ ସମ୍ପତ୍ତିକୁ ତ୍ୟାଗ କରି ବଣରେ ନିବାସ କରିଥାନ୍ତି ଆଉ ସେ ବଣରେ କନ୍ଦ ମୂଳ ଭକ୍ଷଣ ଏବଂ ଫଳ ପତ୍ରାଦି ଖାଇ ଜୀବନ ନିର୍ବାହ କରିଥାନ୍ତି । ସେ କେଉଁ ସୁଖର ପ୍ରାପ୍ତି ନିମନ୍ତେ ଏତେ କଷ୍ଟ ସହ୍ୟ କରୁଛନ୍ତି ? ସଂସାରର ବିଷୟରାଗରୁ ମୁକ୍ତ ହେଲେ ହିଁ ମହାପ୍ରଭୁଙ୍କର ଭଜନ ହୋଇଥାଏ । ତ୍ୟାଗ ଆଉ ବୈରାଗ୍ୟର ମହତି ମହିମା ଅଛି ।




**ସୁଖ ସୁଖ ସବ କୋଇ କହେ, ସୂଖ**
**ନ ଜାନା କୋୟ ।**
**ଆତମ ଅନ୍ତର ଆତମା, ୟୋଗ**
**ଓ୍ୱେଦନି ସୁଖ ସୋୟ ।।୩୬।।**

ଭାଷ୍ୟ - ସୁଖ ସୁଖ ବୋଲି ସମସ୍ତେ କହନ୍ତି । କିନ୍ତୁ ସୁଖକୁ ସଦ୍‌ଗୁରୁହୀନ କେହି ଜାଣନ୍ତି ନାହିଁ । ଆତ୍ମା ଆଉ ଅନ୍ତରାତ୍ମାର ସମ୍ବନ୍ଧରୁ ଯୌଗିକ ସୁଖ ପ୍ରାପ୍ତ ହୋଇଥାଏ । ଯୌଗିକ ଅର୍ଥାତ୍ ଯୋଗ ସମ୍ବନ୍ଧୀୟ ସୁଖ ବାସ୍ତବିକ ସୁଖ ଅଟେ, ଏହାକୁ ପରମାନନ୍ଦ କହନ୍ତି ।

**ମଧୁରସ ପୂର୍ଣ୍ଣ ଅକାଶ ଭରି, ସୋ**
**ସୁଖ ପୂରଣ ସନ୍ତ ।**
**ଏକ ବୁନ୍ଦ ମେଁ ଜଗତ ସବ, ୟହ**
**ସୁଖ ଭେଦ ଭନନ୍ତ ।।୩୭।।**

ଭାଷ୍ୟ - ପୂର୍ଣ୍ଣ ସୋମରସ ଆକଶରେ ଭରି ରହିଛି, ସେହି ପୂର୍ଣ୍ଣ ସୋମରସକୁ ସନ୍ଥଜନ ପାନ କରିଥାନ୍ତି । ଏହାର ବୁନ୍ଦା ଜଗତରେ ପଡ଼ିଥାଏ, ଯାହାକୁ ସଂସାରୀ ପାନକରି ବିଷୟ ରସରେ ଉନ୍ମତ୍ତ ହୋଇ ନିଜର ଜୀବନକୁ ତଳେ ପକାଇଥାନ୍ତି । ବ୍ରହ୍ମରସ ପୂର୍ଣ୍ଣ ଆକାଶରେ ଅଛି ଆଉ ତାହାର ଏକ ବିନ୍ଦୁ ସମାନ ବିଷୟରସର ସୁଖ ଅଟେ । ଏହା ବ୍ରହ୍ମସୁଖ ଆଉ ଇନ୍ଦ୍ରିୟଜନ୍ୟ ପ୍ରାକୃତିକ ସୁଖରେ ଅନ୍ତର ଅଟେ ।

**ପୂରଣ ପୂରଣ ସୁଖ ମିଲୈ, ପୂରଣ**
**ପୂରଣ ଜାନ ।**
**ପୂରଣ ପୂରଣ ଓ୍ୱାଦ ହୈ, ପୂରଣ**
**ପୂରଣ ଜ୍ଞାନ ।।୩୮।।**

ଭାଷ୍ୟ - ପୂର୍ଣ୍ଣ ପରଂବ୍ରହ୍ମ ପ୍ରାପ୍ତ ହେଲେ ପୂର୍ଣ୍ଣ ସୁଖ ମିଳେ ଏବଂ ପୂର୍ଣ୍ଣ ରୂପରେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇଥାଏ । ପୂର୍ଣ୍ଣର ପୂର୍ଣ୍ଣ ସିଦ୍ଧାନ୍ତ ଅଟେ । ସେଥିପାଇଁ ତାହାର ପ୍ରାପ୍ତି ହେଲେ ଜ୍ଞାନ ବିଜ୍ଞାନ ପୂର୍ଣ୍ଣ ହୋଇଯାଏ ।

**ଜେହି ସୁଖ ବିନ ଜିଓ୍ୱ ଶାନ୍ତି ନହିଁ,**
**ସୁଖ ଖୋଜତ ଦିନ ଜାୟ ।**
**ସୋ ସୁଖ ଉଟି ସମୁଦ୍ର ହେ, ବିନୁ**
**ଗୁରୁ କୋୟ ନ ପାୟ ।।୩୯।।**

ଭାଷ୍ୟ - ଯେଉଁ ସୁଖର ପ୍ରାପ୍ତି ବିନା ଜୀବକୁ ସୁଖ ଶାନ୍ତି ପ୍ରାପ୍ତି ହୁଏ ନାହିଁ, ଯାହାକୁ ଖୋଜି ଖୋଜି ଜୀବନ ଚାଲିଯାଏ, ସେହି ସୁଖର ସମୁଦ୍ର ସମୀପରେ ଅଛି । ଯେତେବେଳେ ଆତ୍ମା ନିଜର ସମସ୍ତ ଶକ୍ତିକୁ ଓଲଟାଇ ଦେଇ ଉର୍ଦ୍ଧ୍ୱମୁଖୀ କରିଦିଏ, ସେତେବେଳେ ତାହାକୁ ଶାନ୍ତିର ସମୁଦ୍ର ପ୍ରାପ୍ତ ହୋଇଯାଏ ।

**ପ୍ରକୃତି ୟୋଗ ଓ୍ୱହ ସୁଖ ନହାଁ,**
**ଓ୍ୱହ ସୁଖ ପ୍ରକୃତୀ ପାର ।**
**ସୁଖ ସ୍ୱରୂପ ମାୟୁ ଗର୍ଜୈ, ଉଲଟି**
**ଗଗନ ଧରୁ ଧାର ।।୪୦।।**

ଭାଷ୍ୟ - ମାୟାର ସମ୍ବନ୍ଧରୁ ସେ ସୁଖ ମିଳେ ନାହିଁ । ଯେତେବେଳେ ଆତ୍ମା, ମାୟାର ସୀମାକୁ ତ୍ୟାଗକରି ନିଜର ଶୁଦ୍ଧ ସ୍ୱରୂପରେ ଆସିଯାଏ, ସେତେବେଳେ ତାକୁ ପ୍ରାପ୍ତ କରେ । ସେହି ବ୍ରହ୍ମସୁଖ ପ୍ରକୃତିପାର ଅଟେ । ଆନନ୍ଦସ୍ୱରୂପ ପରଂବ୍ରହ୍ମ ପ୍ରକାସମାନ ଅଟେ । ଆତ୍ମା ନିଜର ଚେତନ ଶକ୍ତିକୁ ଧାରଣ କରି ଉର୍ଦ୍ଧ୍ୱମୁଖୀ ହୋଇ, ଯେତେବେଳେ ଆକାଶରେ ପ୍ରବେଶ କରେ, ସେତେବେଳେ ସେ ଅମୃତ ବ୍ରହ୍ମସୁଖକୁ ପ୍ରାପ୍ତ କରେ ।

**ଜୋ ତୁମ ଇଚ୍ଛୁକ ପରମ ସୁଖ,**
**ତ୍ୟାଗ ଓ୍ୱିଷୟ ରଙ୍ଗ ରାଗ ।**
**ସଦ୍‌ଗୁରୁ କୃପା ସେ ପାଇୟେ,**
**ଦେଓ୍ୱ ସଦାଫଲ ଜାଗ ।।୪୧।।**

ଭାଷ୍ୟ - ତୁମେ ଯେଉଁ ପରମାନନ୍ଦ ପ୍ରାପ୍ତି ନିମନ୍ତେ ଇଚ୍ଛୁକ ଅଟ, ତେବେ ବିଷୟରାଗକୁ ତ୍ୟାଗକରି ମୋହ, ନିଦ୍ରାରୁ ଜାଗ୍ରତ ହୋଇ ସଦ୍‌ଗୁରୁ ଶରଣାଗତ ହୁଅ ଏବଂ ତାଙ୍କର କୃପା ଦ୍ୱାରା ଅନୁଭବ ଚେତନ ବିଜ୍ଞାନରେ ପରଂବ୍ରହ୍ମଙ୍କୁ ପ୍ରାପ୍ତ କର ।

।।ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ, ପଞ୍ଚମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।

# ଅଦାର ବହୁ ଉପକାରୀ ଗୁଣ



ଅଦାକୁ ସାଧାରଣତଃ ଆମେ ମସଲା ରୂପେ ବ୍ୟବହାର କରିଥାଉ । ହେଲେ ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ସ୍ୱାସ୍ଥ୍ୟ ଲାଗି ବିଶେଷ ଉପକାରୀ । ଏହା ଗ୍ୟାଷ୍ଟିକ ଦୂର କରିବା ସହିତ ମାଂସପେଶୀ ଯନ୍ତ୍ରଣାରୁ ମଧ ମୁକ୍ତି ଦିଏ । ଏଥିସହିତ ସର୍ଦ୍ଦି, କାଶ ଓ କଫ ଆଦିରୁ ରକ୍ଷା କରିଥାଏ । ପେଟର ନାନା ସମସ୍ୟାରୁ ମୁକ୍ତି ଦିଏ । ଆୟୁର୍ବେଦି ଡାକ୍ତରଙ୍କ ମତରେ ମାତ୍ର ଦୁଇ ସପ୍ତାହ ଅଦା ଖଣ୍ଡେ ନିୟମିତ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ଏବଂ ଆମର ପାଚନ ତନ୍ତ୍ର ଲାଗି ଖୁବ୍ ଲାଭଦାୟକ ।

**ଫୁଲା ହ୍ରାସ କରିଥାଏ :** ଅଦାରେ 'ଜିଞ୍ଜେରିଲା' ନାମକ ଏକ ବିଶେଷ ତତ୍ତ୍ୱ ରହିଛି, ଯାହା ଏକ ପ୍ରାକୃତିକ ଆଣ୍ଟି -ଇନ୍ଫ୍ଲାମେଟୋରି ଭାବେ କାମ କରିଥାଏ । ଏହା ଫୁଲା ଓ ଯନ୍ତ୍ରଣା ହ୍ରାସ କରିବା ସହ ମାଂସପେଶୀ ମଜଭୁତ କରିଥାଏ । ଦାନ୍ତ ମୂଳ ଫୁଲିବା ଓ ଟନସିଲ୍ ଆଦିକୁ ଭଲ କରେ ଅଦା ।

**ପାଚନ କ୍ରିୟାରେ ସୁଧାର ଆଣେ :** ଖାଦ୍ୟ ଠିକ୍ ଭାବରେ ହଜମ କରିବା ଲାଗି ଅଦା ଭଲ କାମ କରିଥାଏ । କେବଳ ସେତିକି ନୁହେଁ, ବଦହଜମି, ଗ୍ୟାସଟ୍ରିକ୍, ଅଲସର ଆଦି ସମସ୍ୟାକୁ ଦୂର କରିଥାଏ । ରାତିରେ ଶୋଇବା ପୂର୍ବରୁ ଖଣ୍ଡେ ଅଦା ଲୁଣ ସହିତ ଚୋବାଇ ଗରମ ପାଣି ପିଇବା ଦ୍ୱାରା ବଦହଜମି ସମସ୍ୟା ଦୂର ହୁଏ । ଅନ୍ତଃକୋଷ ସୁସ୍ଥ ରୁହେ । ଏଥସହିତ ଏହା ଟ୍ୟୁମର ଓ କ୍ୟାନସର ଭଳି ସମସ୍ୟାରୁ ମଧ ମୁକ୍ତି ଦେଇଥାଏ ।

# ଔଷଧରେ ଭରପୁର ସୋୟାବିନ୍

ଏକାଧିକ ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ସୋୟାବିନ୍ ସମୃଦ୍ଧ । ଭିଟାମିନ୍ ସି, କେ, ବି୬, ଲୌହସାର, କାଲସିୟମ, ଏଣ୍ଟିଅକ୍ସିଡାଣ୍ଟ ଭଳି ଉପାଦାନ ଏଥିରେ ରହିଛି । ନିୟମିତ ସୋୟାବିନ୍ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼େ । ଏହା କର୍କଟ ପ୍ରତିରୋଧୀ । ପାକସ୍ଥଳୀ, ଅନ୍ତ୍ର କର୍କଟରୁ ସୋୟାବିନ୍ ସୁରକ୍ଷା ଦିଏ । ଏହା ମାଂସପେଶୀ ଓ ଅସ୍ଥିକୁ ମଜଭୁତ ରଖେ । ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟକୁ ଠିକ୍ ରଖେ । ଇଷ୍ଟ୍ରୋଜେନ ମାତ୍ରାକୁ ସମତୁଳ ରଖିବାରଗୁଣ ଏଥିରେ ରହିଛି । ଏଣୁ ଋତୁବିରତି ପରେ ମହିଳାମାନେ ଏହାକୁ ଖାଇଲେ ଅଧିକ ସୁଫଳ ମିଳେ । ଗର୍ଭସ୍ଥ ସନ୍ତାନର ପୂର୍ଣ୍ଣ ବିକାଶରେ ସୋୟାବିନର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ମ୍ୟାଗ୍ନେସିୟମ ନିଦ୍ରାହୀନତାରୁ ରକ୍ଷା କରେ ।



# ଏବଂ ସଦ୍‌ବିପ୍ରା...

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଦେବରାଜ ଗର୍ବୋନ୍ମତ୍ତ ହୋଇ କହିଲେ – 'ଇଏ କି ବଡ଼ କଥା ? ଇନ୍ଦ୍ରଙ୍କ ମଧରେ ସବୁଠାରୁ ଅଧିକ ଅହଂଭାବ ଥିଲା । ସେ ତୁରନ୍ତ ଯକ୍ଷଙ୍କ ପାଖରେ ପହଞ୍ଚିଲେ, କିନ୍ତୁ ଇନ୍ଦ୍ର ସେଠାରେ ପହଞ୍ଚିବା ମାତ୍ରେ ଚାହୁଁ ଚାହୁଁ ଯକ୍ଷ ତାଙ୍କ ସାମନାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଇନ୍ଦ୍ରଙ୍କ ମଧରେ ଅନ୍ୟ ଦେବତାମାନଙ୍କ ଅପେକ୍ଷା ଅଧିକ ଅଭିମାନ ଥିଲା, ତେଣୁ ବ୍ରହ୍ମ ତାଙ୍କୁ ବାର୍ତ୍ତାଳାପର ସୁଯୋଗ ଦେଲେ ନାହିଁ, କିନ୍ତୁ ଏଇ ଗୋଟିଏ ଦୋଷ ବ୍ୟତୀତ ଇନ୍ଦ୍ର ଅନ୍ୟ ସବୁ ଜିନିଷର ଅଧିକାରୀ ଥିଲେ । ତେଣୁ ତାଙ୍କୁ ବ୍ରହ୍ମତତ୍ତ୍ୱର ଜ୍ଞାନ କରାଇବା ଆବଶ୍ୟକ ମାନି ଏହାର ବ୍ୟବସ୍ଥା ନିମନ୍ତେ ସେ ସ୍ୱୟଂ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ଯକ୍ଷ ଅନ୍ତର୍ଦ୍ଧାନ ହୋଇଯିବା ପରେ ବି ଇନ୍ଦ୍ର ସେଠାରେ ଠିଆହୋଇ ରହିଲେ ।

ସେ ଦେଖିଲେ ଯେ ଦିବ୍ୟ ଯକ୍ଷ ଠିଆ ହୋଇଥିବା ସ୍ଥାନରେ ଅତ୍ୟନ୍ତ ଶୋଭାମୟୀ ହିମାଳୟ କୁମାରୀ ଉମା ଦେବୀ ପ୍ରକଟ ହୋଇଛନ୍ତି । ବାସ୍ତବରେ କରୁଣାମୟ ପରବ୍ରହ୍ମ ଇନ୍ଦ୍ରଙ୍କ ଉପରେ କୃପା କରି ଉମା ରୂପା ସାକ୍ଷାତ୍ ବ୍ରହ୍ମବିଦ୍ୟାକୁ ପ୍ରକଟ କରିଥିଲେ । ଇନ୍ଦ୍ର ଅତ୍ୟନ୍ତ ଭକ୍ତିପୂର୍ବକ ତାଙ୍କୁ ପ୍ରଣାମ କଲେ ଓ କହିଲେ– 'ଭଗବତୀ ! ଆପଣ ସର୍ବଜ୍ଞ ଶିରୋମଣି ଈଶ୍ୱର ଶ୍ରୀ ଶଙ୍କରଙ୍କ ଶକ୍ତି ଅଟନ୍ତି । ଏଣୁ ଆପଣ ଅବଶ୍ୟ ଜାଣିଥିବେ ଯେ ଏହି ଦିବ୍ୟ ଯକ୍ଷ, ଯିଏ ଦର୍ଶନ ଦେଇ ତୁରନ୍ତ ଅନ୍ତର୍ଦ୍ଧାନ ହୋଇଗଲେ, ବସ୍ତୁତଃ ସେ କିଏ ଏବଂ କେଉଁଥିପାଇଁ ସେ ଏଠାରେ ପ୍ରକଟ ହୋଇଥିଲେ ।

ଦେବରାଜ ଇନ୍ଦ୍ର ଏହା ପଚାରିବାରୁ ଭଗବତୀ ଉମା ଦେବୀ କହିଲେ– ''ତୁମେ ଯେଉଁ ଦିବ୍ୟ ଯକ୍ଷଙ୍କୁ ଦେଖିଥିଲ ଏବଂ ଯିଏ ଏବେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି, ସେ ସାକ୍ଷାତ୍ ପରବ୍ରହ୍ମ ପରମେଶ୍ୱର ଅଟନ୍ତି । ତୁମେମାନେ ଯେଉଁ ଅସୁରଗଣଙ୍କ ଉପରେ ବିଜୟ ଲାଭ କଲ, ତାହା ସେହି ପରବ୍ରହ୍ମଙ୍କ କୃପାରୁ ହିଁ କରିପାରିଛ । ଅତଏବ ଏହା ସେହି ପରବ୍ରହ୍ମଙ୍କର ହିଁ ବିଜୟ । ତୁମେମାନେ ତ କେବଳ ନିମିତ୍ତ ମାତ୍ର ଥିଲ । କିନ୍ତୁ ତୁମେ ଦେବତାମାନେ ବ୍ରହ୍ମଙ୍କର ଏହି ବିଜୟକୁ ନିଜର ବିଜୟ ମାନି ବସିଲ । ବ୍ରହ୍ମଙ୍କ ମହିମାକୁ ନିଜର ମହିମା ମାନି ବସିଲ ।

'ସେହି ପରବ୍ରହ୍ମ ତୁମମାନଙ୍କର ମିଥ୍ୟା ଅଭିମାନ ନାଶ କରି ତୁମର କଲ୍ୟାଣ ନିମନ୍ତେ ଯକ୍ଷ ରୂପେ ପ୍ରକଟ ହୋଇ ଅଗ୍ନି ଓ ବାୟୁଙ୍କ ଗର୍ବ ଚୂର୍ଣ୍ଣ କଲେ ଏବଂ ତୁମକୁ ବାସ୍ତବିକ ଜ୍ଞାନ ଦେବା ପାଇଁ ମୋତେ ପ୍ରେରଣ କଲେ । ଅତଏବ ତୁମେମାନେ ନିଜ ଶକ୍ତିର ସମସ୍ତ ଅଭିମାନ ତ୍ୟାଗ କରିଦିଅ । ତୁମେ ସବୁ ଯେଉଁ ବ୍ରହ୍ମଙ୍କ ମହିମା ଦ୍ୱାରା ମହିମାନ୍ୱିତ ଓ ଶକ୍ତି ଦ୍ୱାରା ଶକ୍ତିମାନ ହୋଇଛ, ତାହାକୁ ତାଙ୍କର ମହିମା ମାନିନିଅ । ବ୍ରହ୍ମଙ୍କ ଶକ୍ତି ବିନା ନିଜର ସ୍ୱତନ୍ତ୍ର ଶକ୍ତି ବଳରେ କେହି କିଛି କରି ପାରିବା କଥା ସ୍ୱପ୍ନରେ ସୁଦ୍ଧା ଭାବିବା ଉଚିତ ନୁହେଁ ।''

ଏହିପରି ଇନ୍ଦ୍ରଙ୍କୁ ଉପଦେଶ ଦେଇ ଭଗବତୀ ଉମା ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ । ସମସ୍ତ ଦେବତା ନିଜର ଭୁଲକୁ ଅନୁଭବ କଲେ ଏବଂ ତତ୍‌ପଶ୍ଚାତ୍ ପରବ୍ରହ୍ମଙ୍କର ସତତ ଧ୍ୟାନ, ସ୍ମରଣ କରିବାରେ ଲାଗିଲେ ଓ ସର୍ବଦା ବିଜୟ ପ୍ରାପ୍ତ ହେଲେ ।

ଉପରୋକ୍ତ କଥାର ସାର ସନ୍ଦେଶ ହେଉଛି – ବ୍ରହ୍ମଙ୍କ ଶକ୍ତି ସର୍ବୋପରି, ବ୍ରହ୍ମ ହିଁ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବବ୍ୟାପୀ । ବ୍ରହ୍ମଙ୍କ ଶକ୍ତି ବଳରେ ସୃଷ୍ଟିର କଣ କଣ ଗତିଶୀଳ । ବ୍ରହ୍ମଙ୍କ ଶକ୍ତି ଯୋଗୁଁ ସୂର୍ଯ୍ୟ, ଚନ୍ଦ୍ର, ତାରା, ନିଜର ଚମକ ବିସ୍ତାର କରୁଛନ୍ତି । ବ୍ରହ୍ମଙ୍କ ଶକ୍ତି ଦ୍ୱାରା ହିଁ ବୃକ୍ଷଲତା, ବନସ୍ପତି ଏବଂ ସମସ୍ତ ପ୍ରାଣୀଙ୍କ ମଧରେ ଜୀବନ ଓ ପ୍ରାଣର ସ୍ପନ୍ଦନ ହେଉଛି । ବିଶ୍ୱବ୍ରହ୍ମାଣ୍ଡରେ ଯାହା କିଛି ଚରାଚର ଜଗତ ଦେଖିବାକୁ, ଶୁଣିବାକୁ ମିଳୁଛି, ସେସବୁରେ ସର୍ବାଧାର, ସର୍ବନିୟନ୍ତା, ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବବ୍ୟାପୀ ପରବ୍ରହ୍ମ ପରମେଶ୍ୱର ପରିବ୍ୟାପ୍ତ । ଏଇ ଦୁର୍ଲଭ ଜୀବନ ସେହି ପରବ୍ରହ୍ମଙ୍କ ପ୍ରାପ୍ତି ଓ ଅନୁଭୂତି ସକାଶେ ମିଳିଛି । ପରବ୍ରହ୍ମଙ୍କ କୃପା ଓ ଶକ୍ତି ପାଇ ମନୁଷ୍ୟ ଦୁର୍ଲଭରୁ ଦୁର୍ଲଭକୁ ଜାଣି, ଅର୍ଥାତ୍ ବ୍ରହ୍ମବୋଧ, ବ୍ରହ୍ମାନୁଭୂତି ଦ୍ୱାରା ଜୀବ ମଧ ବ୍ରହ୍ମସ୍ୱରୂପ ହୋଇ ପୂର୍ଣ୍ଣ ହୋଇ ପାରିବ ; କାରଣ ଜୀବ ସେହି ପୂର୍ଣ୍ଣ ବ୍ରହ୍ମଙ୍କର ଅଂଶ ।

ଅଂଶୀ ମଧରେ ଅଂଶଙ୍କ ଗୁଣ ରହିବା ସ୍ୱାଭାବିକ । ସେହି ସର୍ବବ୍ୟାପୀ ବ୍ରହ୍ମ ଆନନ୍ଦ ସ୍ୱରୂପ, ଜ୍ଞାନ ସ୍ୱରୂପ ଓ ରସ ସ୍ୱରୂପ, ସେଥିପାଇଁ ବ୍ରହ୍ମାନୁଭୂତି ଅଥବା ବ୍ରହ୍ମବୋଧ ପାଇ ମନୁଷ୍ୟ ମଧ ଆନନ୍ଦ ସ୍ୱରୂପ ତଥା ଆନନ୍ଦିତ ହୋଇଯାଏ ।

ସେ ସବୁ ପ୍ରକାର କ୍ଲେଶ ଓ ଦୁଃଖ ଏବଂ ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଏ । ଏସବୁକୁ ବୁଝି ଆମେ ସଂସାର ପ୍ରତି ମମତା ଓ ଆସକ୍ତି ରହିତ ହୋଇ ନିଜର କର୍ତ୍ତବ୍ୟ କର୍ମ କରି ସର୍ବଦା ନିଜ ହୃଦୟ ଗୁମ୍ଫାରେ ସ୍ଥିତ ନିଜର ଆତ୍ମାରେ ପରବ୍ରହ୍ମ ପରମେଶ୍ୱରଙ୍କର ଧ୍ୟାନ, ସ୍ମରଣ କରୁଥିବା ଆବଶ୍ୟକ । ଏହିପରି ନିତ୍ୟ-ନିରନ୍ତର ଦୀର୍ଘକାଳ ପର୍ଯ୍ୟନ୍ତ ଆତ୍ମାରେ ବ୍ରହ୍ମଙ୍କର ଧ୍ୟାନ କରିବା ଦ୍ୱାରା ଆତ୍ମାରେ ହିଁ ବ୍ରହ୍ମାନୁଭୂତି ହୋଇଥାଏ, ବ୍ରହ୍ମବୋଧ ହୋଇଥାଏ ଅର୍ଥାତ୍ ଜୀବ ଓ ବ୍ରହ୍ମ, ଆତ୍ମା ଓ ବ୍ରହ୍ମଙ୍କ ମଧରେ ଅଭିନ୍ନତା ଏବଂ ଏକତାର ଅନୁଭୂତି ହୋଇଥାଏ । ଏହି ଅନୁଭୂତି ବଳରେ ସାଧକମାନଙ୍କୁ ପରମାନନ୍ଦ ଅଥବା ବ୍ରହ୍ମାନନ୍ଦର ପ୍ରାପ୍ତି ହୋଇଥାଏ ।

ଶ୍ରୁତି କହେ- ଏ ଶରୀର ନଷ୍ଟ ହୋଇଯିବା ପୂର୍ବରୁ ଯଦି ବ୍ରହ୍ମଙ୍କର ବୋଧ ହୋଇଗଲା, ତେବେ ତ ଠିକ୍, ଅନ୍ୟଥା ବିଭିନ୍ନ ଯୋନିରେ କଷ୍ଟ ଭୋଗିବାକୁ ହେବ । ଏଣୁ ବ୍ରହ୍ମବୋଧ ପ୍ରାପ୍ତ କରିନେବା ହିଁ ଏକମାତ୍ର ଉପାୟ ଏବଂ ଏହା ମଧ ମାନବ ଜୀବନର ପରମ ଲକ୍ଷ୍ୟ ।

## ଟିକିଏ ହସନ୍ତୁ

ପପୁ : ଜାଣିଛୁ, ସବୁବେଳେ ବାହାରେ ରହୁଥିବା ବ୍ୟକ୍ତି ଖୁସି ରୁହନ୍ତି ?
ଗାପୁ : କେମିତି ?
ପପୁ : କାହିଁକି ନା ସେ ସବୁବେଳେ ଘର ବାହାରେ ରୁହନ୍ତି, ଘରେ ରହିଲେ ମୁଣ୍ଡ ଖରାପ ହୋଇଯିବ ।

× × ×

ରାଜୁ କଫି ଶପକୁ ଯାଇ କହିଲା : ଭାଇ କଫି ଏକ କପ୍‌କୁ କେତେ ଟଙ୍କା ?
କଫି ଶପ୍‌ର କର୍ମଚାରୀ କହିଲା : ସାର୍, ୨୦୦ ଟଙ୍କା ।
ରାଜୁ : ଆଉ ଚିନି ।
କଫି ଶପର କର୍ମଚାରୀ- ସାର୍, ସୁଗାର ଫ୍ରି ଅଛି ।
ରାଜୁ : ଠିକ୍ ଅଛି, ତେବେ ପାଞ୍ଚ କି.ଗ୍ରା, ଚିନି ଦେଇଦିଅ ।

× × × ×

କ୍ଲାସ ଚାଲିଥିବା ସମୟରେ ପିଲାଟିଏ ଆସି କହିଲା : ମୁଁ ଭିତରକୁ ଆସି ପାରିବି କି ମ୍ୟାଡମ୍ ?
ମ୍ୟାଡମ : ସବୁ ପିଲା ଟାଇମରେ ଆସିଗଲେ, ହେଲେ ତୁ ଏତେ ଡେରିରେ କାହିଁକି ଆସିଛୁ ?
ପିଲା : ଦଳବଳ ହୋଇ ତ ଶିଆଳ ଆସନ୍ତି, ସିଂହ ସବୁବେଳେ ଏକା ଆସେ ।



× × × ×

ଗୋଟେ ପେଣ୍ଠି କୁକୁଡା ବତକ ସହ ବାହା ହୋଇଗଲା ।
ଗଞ୍ଜା କୁକୁଡା : ଆମେ କ'ଣ ମରିଯାଇଥିଲୁ ଯେ, ତୁ ବତକ ସହ ବାହା ହେଲୁ ?
ପେଣ୍ଠି କୁକୁଡା : ମୋର ବି ଇଚ୍ଛା ଥିଲା ତୁମ ସହ ବାହା ହେବାକୁ । ହେଲେ ମୋ ମା' ଚାହୁଁଥିଲେ ପୁଅ ନେଭିରେ ଥିବ ।

× × × ×

ମୋହନ ପପୁକୁ : ଆରେ ସାଙ୍ଗ ମୋ ଜୀବନ ପୁରା ବୋରିଂ ହୋଇଗଲାଣି । କିଛି ଏକ୍ସାଇଟମେଣ୍ଟ ନାହିଁ, ମଜା ନାହିଁ କି ହଙ୍ଗାମା ନାହିଁ । କ'ଣ କରିବି କହିଲୁ ?
ପପୁ : ଗୋଟେ କାମ କର, ମୋବାଇଲରେ 'ଆଇ ଲଭ୍ ୟୁ' ଲେଖି ସ୍ପେସ୍ ଦେବୁ । ଆଉ ଗର୍ଲଫ୍ରେଣ୍ଡର ନାଁ ଲେଖି ସ୍ତ୍ରୀକୁ ପଠେଇ ଦେବୁ । ଦେଖିବୁ ତୋ ଲାଇଫରେ ଖାଲି ହଙ୍ଗାମା ହିଁ ହଙ୍ଗାମା ହେବ ।

# ମୂଳାର ଉପକାରିତା

ମୂଳା ଏକ ଶୀତ ଦିନିଆ ପରିବା । ଏହାର ସ୍ୱାଦ ଟିକେ କଡ଼ା ହୋଇଥିବାରୁ ଏହାକୁ ଖାଇବାକୁ ସମସ୍ତେ ଭଲ ପାଆନ୍ତି ନାହିଁ । ହେଲେ ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ତତ୍ତ୍ୱ ରହିଛି, ଯାହାକି ସ୍ୱାସ୍ଥ୍ୟ ଲାଗି ବିଶେଷ ଉପକାରୀ । ମୂଳାକୁ ବିଭିନ୍ନ ପ୍ରକାରେ ଖାଇଥାନ୍ତି-କଞ୍ଚା ଓ ସାଲଡ୍ ସହିତ ଭଜା ଓ ତରକାରୀ କରି ମଧ୍ୟ । ହେଲେ ମୂଳ ପରଟା ଅଧିକ ସ୍ୱାଦିଷ୍ଟ ଲାଗିଥାଏ । ତେବେ ମୂଳା ଖାଇବା ଦ୍ୱାରା କେଉଁ ସବୁ ରୋଗ ନିୟନ୍ତ୍ରଣ କରେ ଆସନ୍ତୁ ଜାଣିବା ।

**କୋଷ୍ଠକାଠିନ୍ୟ ଦୂର :** କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ଲାଗି ମୂଳା ଖାଇବା ଅତ୍ୟନ୍ତ ଲାଭଦାୟକ । ଏହା ପେଟର ମେଟାବଲିଜମ୍ ସ୍ତରକୁ ବଢ଼ାଇଥାଏ ଓ ପାଚନ କ୍ରିୟା ସକ୍ରିୟ ରଖିଥାଏ । ଏହାବ୍ୟତୀତ ଡିଟକ୍ସିଫିଙ୍ଗ ତତ୍ତ୍ୱରୁ ମୁକ୍ତି ମିଳିଥାଏ ଓ ଆନ୍ତ୍ରଃ ସମସ୍ୟା ଦୂର କରେ ।

**ଡାଇବେଟିସ୍ ନିୟନ୍ତ୍ରଣ :** ମୂଳାରେ ପ୍ରଚୁର ମାତ୍ରାରେ ଫାଇବର ରହିଛି । ପ୍ରତିଦିନ ସକାଳେ ଖାଲି ପେଟରେ ଛୋଟ ପିସ୍ ମୂଳା ଚୋବାଇ ଖାଇବା ଡାଇବେଟିସ୍ ରୋଗୀଙ୍କ ଲାଗି ଖୁବ୍ ଭଲ ।

**ଅର୍ଶରୁ ମୁକ୍ତି ମିଳେ :** ସକାଳୁ ଖାଲି ପେଟରେ ମୂଳା ଖାଇବା ଦ୍ୱାରା ଅର୍ଶ ସମସ୍ୟା ଦୂର ହୁଏ । ଏଥିରେ ରାଫିନିନ୍ ଓ ଗ୍ଲୁକୋସାଇଲିନେଟ୍ ମେଟାବଲିଜମ୍ ରହିଥାଏ, ଏହା ଫୁଲା ଯନ୍ତ୍ରଣା ଆଦିକୁ ଦୂର କରିଥାଏ । ଏହା ବ୍ୟତୀତ ଆଣ୍ଟି ଇନଫ୍ଲାମେଟରୀ ଗୁଣ ତଥା ଫୁଲା କମ୍ କରେ ଅର୍ଶ ଓ କୁଣ୍ଡାଇ ହେବା ଯନ୍ତ୍ରଣାକୁ ଦୂରକରେ ।

**ୱେଟଲସ :** ଯେଉଁମାନଙ୍କ ଓଜନ ବୃଦ୍ଧି ହେବା ନେଇ ଚିନ୍ତା ରହିଛି ସେମାନେ ମୂଳା ଖାଇବା ବିଶେଷ ଉପଯୋଗୀ । କାରଣ ଏଥିରେ ହାଇ ଫାଇବର, ଅଣ୍ଟାରେ ବଢୁଥିବା ଚର୍ବି ହ୍ରାସ କରିବାରେ ସହାୟକ ହୋଇଥାଏ । ମୂଳା ଖାଇବା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ରହିଥାଏ, ଭୋକ କମ ଲାଗିଥାଏ ।



**ଇମ୍ୟୁନିଟି ବୁଷ୍ଟ କରେ :** ଶୀତଦିନେ ଭାଇରାଲ ଇନଫେକସନ୍ ଯୋଗୁ ଥଣ୍ଡା-କାଶ ହୋଇଥାଏ । ତେଣୁ ଏହିଦିନେ ମୂଳା ଖାଇବା ଦ୍ୱାରା ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଅଲ ଗୁଣ ବ୍ୟାକ୍ଟେରିଆ ସହିତ ଲଢ଼େଇ କରି ଇମ୍ୟୁନିଟି ବୁଷ୍ଟ କରିବାରେ ସହାୟକ ହୋଇଥାଏ ।

**ବ୍ଲଡ ପ୍ରେସର ନିୟନ୍ତ୍ରଣ ରୁହେ :** ଏଥିରେ ଏକ ବିଶେଷ ଆଣ୍ଟି ହାଇପରଟେନ୍ସିଭ ରହିଥାଏ ଯାହାକି ବ୍ଲଡ ପ୍ରେସର ବା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏଥିସହିତ ପୋଟାସିୟମ୍ ଓ ହାଇ ବ୍ଲଡପ୍ରେସର ରୋଗୀଙ୍କ ଲାଗି ଏହା ଖୁବ୍ ଭଲ ।

**ହୃଦୟକୁ ସୁସ୍ଥ ରଖେ :** ମୂଳାରେ ଏନଥ୍ରୋସାୟନିନର ଏକ ଉତ୍ତମ ସ୍ରୋତ ରହିଛି, ଯାହା ଆମର ହୃଦୟକୁ ସୁସ୍ଥ ରଖିଥାଏ । ଏଥରେ ଭିଟାମିନ୍ ସି' ଫଲିକ୍ ଏସିଡ୍ ଓ ଫ୍ଲେଭୋନଏକ୍ସ ପ୍ରଚୁର ମାତ୍ରାରେ ରହିଛି ।

# ସ୍ୱାସ୍ଥ୍ୟ ଲାଗି ମହୌଷଧି ଅଖରୋଟ

ସୁସ୍ଥ ରହିବା ଲାଗି ହେଲଦି ଫୁଡ୍ ସହିତ ଏକ୍ସରସାଇଜ୍ ନିହାତି ଜରୁରୀ । ହେଲେ କିଛି ବ୍ୟକ୍ତି ବିଭିନ୍ନ ସପ୍ଲିମେଣ୍ଟ ମଧ୍ୟ ଖାଇଲେ ମଧ୍ୟ ଏଥିରୁ କିଛି ଲାଭ ମିଳୁ ନାହିଁ । କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଅଖରୋଟ ଏକ ଏଭଳି ସୁପରଫୁଡ, ଯାହା ପୋଷକ ତତ୍ତ୍ୱରେ ଭରପୁର । ଏଥିରେ ଓମେଗା-୩ ଫ୍ୟାଟି ଏସିଡ, ପ୍ରୋଟିନ୍, ଫାଇବର, ଭିଟାମିନ୍, ମିନେରାଲ୍ସ ଓ ଆଣ୍ଟିଅକ୍ସିଡାଣ୍ଟସ ଗୁଣ ପ୍ରଚୁର ମାତ୍ରାରେ ରହିଛି, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଫଳପ୍ରଦ । ତେଣୁ ଦିନକୁ ମାତ୍ର ୩ଟି ଅଖରୋଟ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ । ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟ ଲାଗି ଅଖରୋଟ କେତେ ଲାଭଦାୟକ ।



**ହାର୍ଟ ହେଲ୍ଥ ସୁସ୍ଥ ରହିଥାଏ :** ଅଖରୋଟରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଥାଏ, ଯାହାକି ହାର୍ଟ ହେଲ୍ଥ ଲାଗି ଖୁବ୍ ଭଲ । ଏହା କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିବା ଓ ବ୍ଲଡପ୍ରେସରକୁ ନିୟନ୍ତ୍ରଣ ରଖିବାରେ ସହାୟତା କରିଥାଏ । ଏହାବ୍ୟତୀତ ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟସ ହାର୍ଟ ଡିଜିଜକୁ ହ୍ରାସ କରିଥାଏ ।

**ବ୍ରେନ୍ ହେଲ୍ଥ ଲାଗି ଫଳପ୍ରଦ :** ଅଖରୋଟରେ ଓମେଗା-୩ ଫ୍ୟାଟି ଏସିଡ୍ ଓ ଆଣ୍ଟିଅକ୍ସିଡାଣ୍ଟସ ରହିଛି, ଯାହାକି ସ୍ୱାସ୍ଥ୍ୟ ଲାଗି ଫଳପ୍ରଦ । ଏହା ମସ୍ତିଷ୍କ ସେଲ୍ସରେ କ୍ଷତି କରିବା ସହିତ ଧୀଶକ୍ତି ବୃଦ୍ଧି କରିଥାଏ । ନିୟମିତ ଅଖରୋଟ ଖାଇବା ଦ୍ୱାରା ଆଲଜାଇମର ଓ ଡିମେନସିଆ ଭଳି ରୋଗର ଆଶଙ୍କା ହ୍ରାସ ଘଟିଥାଏ ।

**ଓଜନ ନିୟନ୍ତ୍ରଣ :** ଏଥିରେ ଫାଇଭର ଓ ପ୍ରୋଟିନ୍ ରହିଛି, ଯାହାକି ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂରି ରହିଥାଏ । ଏହାଦ୍ୱାରା ଭୋକ ନିୟନ୍ତ୍ରଣ ରଖିଥାଏ । ୱେଟ ଲସ ଲାଗି ଅଖରୋଟ୍ ଏକ ସୁନ୍ଦର ସ୍ୱାସ୍ଥ୍ୟ ଭାବେ କାମ କରେ ।


**ହଜମ ବୃଦ୍ଧି କରେ :** ଏଥିରେ ଥିବା ଫାଇବର ପାଚନ କ୍ରିୟାକୁ ଠିକ୍ କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ଆନ୍ତ୍ରର ଗତିବିଧିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଅଖରୋଟ ଖାଇବା ସହିତ ପ୍ରଚୁର ମାତ୍ରାରେ ପାଣି ପିଇବା ନିତାନ୍ତ ଜରୁରୀ ।

**ତ୍ୱଚାରେ ଚମକ ଆସେ :** ଅଖରୋଟରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପ୍ରଚୁର ମାତ୍ରାରେ ରହିଛି, ଯାହାକି ଫ୍ରି ରେଡିକାଲ୍ସରୁ ରକ୍ଷା କରିବାରେ ସହାୟତା କରିଥାଏ । ତ୍ୱଚାରେ ଶୁଷ୍କ ଓ ସ୍କିନ୍ କୁଞ୍ଚନକୁ ଦୂର କରିବା ସହିତ ଗ୍ଲୋନେସ୍ ବୃଦ୍ଧି କରିଥାଏ, ଯାହାକି ଆଣ୍ଟି ଏଜିଂ ଦୋଷ ଦୂର କରେ ।

**କ୍ୟାନସର ନିୟନ୍ତ୍ରଣ କରେ :** ଏଥିରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ କ୍ୟାନସର ସହିତ ଲଢ଼େଇ କରିବାରେ ସହାୟକ ହୋଇଥାଏ । ପ୍ରତିଦିନ ୩ଟି ଅଖରୋଟ ଖାଇବା ଦ୍ୱାରା ପ୍ରୋଷ୍ଟେଟ, ବ୍ରେଷ୍ଟ ଓ ପାନକ୍ରିୟାଜ କ୍ୟାନସର ସହିତ ଲଢ଼େଇ କରିବାରେ ସହାୟତା କରିଥାଏ ।

# ସ୍ମୃତିଶକ୍ତି ବଢ଼ାଇବାରେ ସହାୟକ ପାଣି

ସୁସ୍ଥ ଜୀବନଶୈଳୀ ନିମନ୍ତେ ଆବଶ୍ୟକ ପରିମାଣର ପାଣି ପିଇବା ନିତାନ୍ତ ଜରୁରୀ । ଖାଦ୍ୟ ବିଶେଷଜ୍ଞମାନେ ବରାବର ଏ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଏହା ସତ୍ତ୍ୱେ ଲୋକେ ପାଣି ପିଇବାରେ ଅବହେଳା କରିଥାନ୍ତି । ଜାପାନୀ ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି, ପାଣି ନ ପିଇବା କାରଣରୁ ଆମ ସ୍ମୃତି ଶକ୍ତି ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।



ଅଧିକାଂଶଙ୍କ ଧାରଣା ଯେ ଶୋଷ ଲାଗିଲେ ହିଁ ପାଣି ପିଇବା ଦରକାର । ଶରୀରର ପ୍ରତ୍ୟେକ ଆବଶ୍ୟକତା ସମ୍ପର୍କରେ ଆମେ ଭଲଭାବେ ଅବଗତ ନ ଥାଉ । ଏଣୁ ପ୍ରତି ଘଣ୍ଟେ ଦୁଇ ଘଣ୍ଟାରେ ଥରେ ପାଣି ପିଇବାର ଅଭ୍ୟାସ ଆରମ୍ଭ କରନ୍ତୁ । ସାଧା ପାଣି ନ ପିଇ ଜଣେ ଲେମ୍ବୁ, ପାଣି, ମିଶ୍ରି ପାଣି କିମ୍ବା ଅନ୍ୟ କୌଣସି ପ୍ରକାର ଘରୋଇ ସରବତ ମଧ୍ୟ ପିଇପାରିବେ ।

ଗ୍ରୀଷ୍ମ ଦିନ ଆରମ୍ଭରୁ ହିଁ ଏ ବାବଦରେ ସତର୍କ ରହିବା ଉଚିତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ମାଇଗ୍ରେନ୍ ସମସ୍ୟା ହୋଇ ନ ଥାଏ । ୧୫ ହଜାର ଲୋକଙ୍କୁ ଅନୁଧ୍ୟାନ କରି ଜଣାପଡ଼ିଥିଲା ନିୟମିତ ୯-୧୦ ଗିଲାସ ପାଣି ପିଇବା କାରଣରୁ ହିଁ ସେମାନଙ୍କ ସ୍ମୃତି ଶକ୍ତି ଭଲ ରହିଛି ।

ଦିନର ଆରମ୍ଭ ଉଷୁମ ପାଣି ପିଇବାରେ କରିବା ଉଚିତ । ଅନ୍ୟ ସମୟରେ ଆପଣ ଫିଲ୍ଟର୍ ପାଣି ପିଇପାରନ୍ତି ।

# ବହୁ ଗୁଣକାରୀ ହଳଦୀ

ହଳଦୀରେ ଥିବା ପୋଷକତତ୍ତ୍ୱ ଥଣ୍ଡା, ସର୍ଦ୍ଦିରୁ ରକ୍ଷା କରିବା ସହ ବିଭିନ୍ନ ପ୍ରକାର ସଂକ୍ରମଣରୁ ମଧ୍ୟ ରକ୍ଷା କରୁଥିବାର ପ୍ରକାଶ । ଆଣ୍ଟି ଅକ୍ସିଡାଣ୍ଟ ଭରପୁର ହଳଦୀକୁ ଉଷୁମ କ୍ଷୀରରେ ମିଶାଇ ପିଇଲେ ତାହା ଆଖିର ଜ୍ୟୋତି ବଢ଼ାଇବା ସହ ଭଲ ନିଦ ହେବାରେ ସହାୟକ ହେଉଥିବାର ବିଶେଷଜ୍ଞଙ୍କ ମତ । ପେଟ ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ତରକାରି ପ୍ରସ୍ତୁତି ସମୟରେ ୧ ଚାମଚ ହଳଦୀ ମିଶାଇ ରାନ୍ଧନ୍ତୁ । ବଜାରର ପ୍ୟାକେଟ୍ ହଳଦୀ ପରିବର୍ତ୍ତେ ଶୁଦ୍ଧ ହଳଦୀ ବ୍ୟବହାର କରିବାକୁ ଚେଷ୍ଟା କରିବା ଉଚିତ ।



# ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଉଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ୀ ମଧ୍ୟ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମର ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହୃତ କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ୍ୟ ଚାଲୁଛି । ସାପଗୁଡ଼ିକୁ ବ୍ୟବହୃତ କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୬୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ୍ୟ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ 'u' ପ୍ରଥମେ ସେ ବ୍ୟବହାର କରିଥିଲେ ।

# କହିପାରିବେ କି ?

(୧) କେଉଁ ଲଙ୍କାକୁ ଗିନିଜ ୱାର୍ଲଡ ରେକର୍ଡ ଦ୍ୱାରା ପୃଥିବୀର ସବୁଠାରୁ ରାଗ ଲଙ୍କାର ମାନ୍ୟତା ଦିଆଯାଇଛି ?
(୨) ପୃଥିବୀର ସବୁଠାରୁ ଲମ୍ବା ଜିଆର ନାମ କ'ଣ ?
(୩) ସୂର୍ଯ୍ୟଙ୍କ ଗତି ଅନୁଯାୟୀ ସୂର୍ଯ୍ୟମୁଖୀ ଫୁଲ ପୂର୍ବରୁ କେଉଁ ଦିଗକୁ ମୁହଁ କରିଥାଏ ?
(୪) ବଲି ଭିଆରର ଲୋକଙ୍କ ହାରାହାରି ଉଚ୍ଚତା କେତେ ?
(୫) ପୃଥିବୀର କେଉଁ ଦେଶ ସବୁଠାରୁ ଅଧିକ ଭୂମିକମ୍ପ ପ୍ରବଣ ?
(୬) ୧୯୬୨ରେ ଚୀନ ଆକ୍ରମଣ କଲାବେଳେ ସେ ଦେଶର ମୁଖ୍ୟ କିଏ ଥିଲେ ?
(୭) ଚୀନର କେତୋଟି ଟାଇମ୍ ଜୋନ୍ ଅଛି ?
(୮) ଗ୍ରୀଷ୍ମ ଋତୁର ଉତ୍ସବ ମନାଇବା ପାଇଁ ଚୀନର ଲୋକମାନେ କେଉଁ ପ୍ରାଣୀର ମାଂସ ଖାଆନ୍ତି ?
(୯) ଆୟତନ ଦିଗରୁ ବିଚାର କଲେ ସାରା ପୃଥିବୀରେ ଚୀନର ସ୍ଥାନ କେଉଁଠି ?
(୧୦) ଚୀନ ଦେଶର କେତେ ଭାଗ ଲୋକ ସହରାଞ୍ଚଳରେ ରହନ୍ତି ?

## JUMBLE WORDS

| | | | |
|---|---|---|---|
| 1) USETG | = | 6) DONUB | = |
| 2) ENESS | = | 7) SULTES | = |
| 3) PIHEIP | = | 8) GAHIEO | = |
| 4) FRUGIE | = | 9) MOAAR | = |
| 5) LOYHL | = | 10) CFARS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଫେସବୁକ୍, ୨. ସ୍ୱିଡେନ, ୩. ୧୮୮୦, ୪. କଟକ, ୫. ଜ୍ଞାନ ପଟ୍ଟନାୟକ, ୬. ପାରସମଣି, ୭. ୧୯୫୪, ୮. ଜଜରୀ , ୯. ହରିଆନା, ୧୦. ୨୦୬ ।

***Jumble Words*** **ର ଉତ୍ତର :-**

(1) CLOAK (2) PERCH (3) HARDEN (4) ENTITY (5) ABATE (6) LATCH (7) SUNTAN (8) SKETCH (9) PINCH (10) FAITH

# ଅଧ୍ୟକ୍ଷ କି ମୁଖ୍ୟ ନିର୍ବାହୀ ନାହାନ୍ତି: ଅନ୍ଧାରରେ ପଶ୍ଚିମ ଓଡ଼ିଶା ବିକାଶ

ସମ୍ବଲପୁର : ରାଜ୍ୟର ସାମଗ୍ରିକ ବିକାଶ ଦୃଷ୍ଟିରୁ ପଛୁଆ ପଶ୍ଚିମ ଓଡ଼ିଶା । ତେଣୁ ପଶ୍ଚିମାଞ୍ଚଳର ୧୦ଟି ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଗଠନ ହୋଇଥିଲା । ୨୬ ବର୍ଷରେ ପଦାର୍ପଣ କରିଥିବା ପରିଷଦର କାର୍ଯ୍ୟକ୍ରମ ଏବେ ଅନ୍ଧାରରେ । ପରିଷଦର ଅଧ୍ୟକ୍ଷ କି କାର୍ଯ୍ୟ ନିର୍ବାହୀ ନାହାନ୍ତି । ଯାହା ପୁରୁଣା ପ୍ରସ୍ତାବ ଓ ପାଣ୍ଠି ଥିଲା ସେଥିରେ କାମ ଚାଲିଛି ।

ପଶ୍ଚିମ ଓଡ଼ିଶାର ଉନ୍ନୟନକୁ ଅବହେଳା ଓ ଅଣଦେଖା ପ୍ରତିବାଦ ସ୍ୱରୂପ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ ୯୦ ଦଶକରେ ଜୋରଦାର ହୋଇଥିଲା । ପଶ୍ଚିମ ଓଡ଼ିଶାରେ ଥିବା ଜିଲ୍ଲା ମଧ୍ୟରେ ବି ବିକାଶ ତାରତମ୍ୟ ରହିଥିବା ଅଭିଯୋଗ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋଙ୍କ ସରକାର ୧୯୯୮ ନଭେମ୍ବର ୧୧ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଆରମ୍ଭ ସହ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଉପଖଣ୍ଡ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ସୋନପୁର, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ଏଥିରେ ସାମିଲ କରିଥିଲେ । ଦାରିଦ୍ର୍ୟ ଦୂରିକରଣ, ମାନବ ବିକାଶ ସହ ଉନ୍ନୟନକୁ ଏଥିରେ ଗୁରୁତ୍ୱ ଦିଆଯିବା ତଥା ଲୋକଙ୍କ ଅଭାବ ଓ ଆବଶ୍ୟକତାକୁ ଅନୁଭବ କରି ଯୋଜନା ପରିକଳ୍ପନା ମୂଳସୂତ୍ର ଥିଲା । ପରିଷଦ ଗଠନ ହେବାର ୬ ମାସ ପରେ ଭୁବନେଶ୍ୱରରେ ଥିବା କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାକୁ ଯିବ ବୋଲି ନିଷ୍ପତ୍ତି ହୋଇଥିଲା । ସରକାର ଏହା ସ୍ଥିର କରିବେ ବୋଲି ଧାର୍ଯ୍ୟ କରିଥିଲେ । ୨୬ ବର୍ଷ ପରେ ବି ତାହା ସ୍ଥିର ହୋଇପାରୁ ନାହିଁ ।

ସୂଚନାଯୋଗ୍ୟ, ବଲାଙ୍ଗିରର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଡବ୍ଲ୍ୟୁଓଡିସିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ପରିଷଦର ପ୍ରାଥମିକ ବଜେଟ୍ ଥିଲା ୨କୋଟି ଟଙ୍କା । ପୂର୍ବତନ ପାଟଣାଗଡ଼ ବିଧାୟକ ଅଇଁଠୁ ସାହୁ, ପ୍ରଫେସର ନିରଞ୍ଜନ ପଣ୍ଡା, ପୂର୍ବତନ ବ୍ରଜରାଜନଗର ବିଧାୟକ ସ୍ୱର୍ଗତ କିଶୋର ମହାନ୍ତି, ସୁବାସ ଚୌହାନ ଯଥାକ୍ରମେ ଅଧ୍ୟକ୍ଷ ହୋଇଥିଲେ । ପରେ ପୂର୍ବତନ ରାଜ୍ୟ ପ୍ରମୁଖ ସଚିବ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ମିଳିଥିଲା । ସେହିପରି ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ଅଜିତ. ମିଶ୍ର ଦାୟିତ୍ୱ ତୁଲାଉଥିଲେ । ଅଗଷ୍ଟରେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଓ ତା' ପୂର୍ବରୁ ଶ୍ରୀ ମିଶ୍ର ଇସ୍ତଫା ଦେଇଥିବା ବେଳେ କାହାରିକୁ ଏଯାଏଁ ଦାୟିତ୍ୱ ଦିଆଯାଇ ନାହିଁ । ରାଜନୈତିକ ମହତ୍ୱାକାଂକ୍ଷା ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ପଦରେ ଥଇଥାନ କରିବାର ନୀତି ପୂର୍ବରୁ ରହିଛି । ପ୍ରଫେସର ନିରଞ୍ଜନ ପଣ୍ଡା ଓ ପରବର୍ତ୍ତୀ ସମୟରେ ଶ୍ରୀ ତ୍ରିପାଠୀ ଏଥିରେ ବ୍ୟତିକ୍ରମ ରହିଥିଲେ । ୨୦୨୦ ଡିସେମ୍ବରରେ ପୂର୍ବତନ ପ୍ରମୁଖ ସଚିବ ଅଧ୍ୟକ୍ଷ ହେବା ପରେ ପରିଷଦର କାର୍ଯ୍ୟ ପରିସର ବୃଦ୍ଧି ଓ ନୂଆ ଦିଶା ପାଇବ ବୋଲି ଆଶା କରାଯାଇଥିଲା । କିଛି କିଛି କାମ ତ୍ୱରାନ୍ୱିତ ମଧ ହେଉଥିଲା । ଅଧ୍ୟକ୍ଷ ଓ ମୁଖ୍ୟ ନିର୍ବାହୀଙ୍କ ଇସ୍ତଫା ପରେ ପରିଷଦ ସୀମିତ ହୋଇ ଯାଇଛି । ପୁରୁଣା ପାଣ୍ଠିରେ ଯାହା କାମ ତ୍ୱରାନ୍ୱିତ ହେଉଛି । ନୂଆ କିଛି ପ୍ରସ୍ତାବ କି ଅନୁଦାନ ନାହିଁ । ଯାହାକୁ ନେଇ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

# ଢୁଲିଆ ମହୁରୀଆ ଭେଟ୍‌ଘାଟ୍

ବୌଦ୍ଧ : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରାମଗଡ ଖେଳ ପଡିଆ ଠାରେ ଜିଲ୍ଲାସ୍ତରୀୟ ଢୁଲିଆ ମହୁରୀଆ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ୀ ବାଉରୀ ମନ୍ଦିରରୁ ମାଁଙ୍କ ଦିବ୍ୟ ଜ୍ୟୋତି ଢୋଲ ଓ ମହୁରୀ ବାଦ୍ୟରେ ପଡିଆକୁ ଆଣି ଅବସ୍ଥାପିତ କରାଯାଇଥିଲା । ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇ. ନିର୍ମଳ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ରାମଗଡ ସରପଞ୍ଚ ପ୍ରତିନିଧି ଶୁଭେନ୍ଦୁ ଯୋଶୀ, ଶିକ୍ଷାବିତ୍ ପୌଲସ୍ତି ଭୋକ୍ତା, ଡ଼ଃ. ଅମରେଶ ସାହୁ, କନ୍ଧମାଳ କେଲ ରେଞ୍ଜ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଧା, ରାମଗଡ ଗ୍ରାମ୍ୟ ସଭାପତି ଶମ୍ଭୁ ପ୍ରସାଦ କ୍ଷେତି, ଯାତ୍ରା ନିର୍ଦ୍ଦେଶକ ବୀରେନ୍ଦ୍ର ବାରିକ, ନରେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଧୁନିକ ଯୁଗରେ ବିଲୁପ୍ତ ହୋଇ ଯାଉଥିବା ଓଡିଆ ସଂସ୍କୃତି ଓ ପାରମ୍ପାରିକ ଲୋକବାଦ୍ୟ ମହୁରୀ ସୁରେ ସୁରେ ଢୋଲବାଦ୍ୟ ପ୍ରତିଯୋଗିତା ହୋଇଥିଲା । ସୁର, ଲୟ ତାଳର ମହା ମିଳନ ଲୋକବାଦ୍ୟ, ଲୋକକଳାର ଦଣ୍ଡବାଦ୍ୟ, ଷୋଳ ସୁଆଙ୍ଗ ବାଦ୍ୟ, କାଳୀବାଦ୍ୟ, ସମ୍ବଲପୁରୀ ବାଦ୍ୟ ଦର୍ଶକଙ୍କ ମନ ମୋହିଥିଲା । ରାମଗଡ ଗ୍ରାମବାସୀଙ୍କ ଦ୍ୱାରା ଓ ବୌଦ୍ଧ ମାଟିର ଛୁଆ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଜିଲ୍ଲା ବାହାରୁ ପ୍ରାୟ ୪୦ ଗୋଟି ଢୁଲିଆ ମହୁରୀଆ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ରଜନୀ ବାରିକ, ରବି ସେଠି, ସୁବାସ ବିଶି, ବିଜନ ମହାନ୍ତି, ସନ୍ତୋଷ ସେଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ ।

# ସୁନ୍ଦରଗଡ଼ବାସୀଙ୍କ ଇଚ୍ଛା ବିରୋଧରେ କିଛି ହେବ ନାହିଁ

ଭୁବନେଶ୍ୱର : ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସୁନ୍ଦରଗଡ଼କୁ ସାମିଲ କରାଯିବାକୁ ପ୍ରସଙ୍ଗ କରି ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଜବାବ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ସୁନ୍ଦରଗଡ଼ବାସୀ ଦୀର୍ଘବର୍ଷ ଧରି ଆମକୁ ଆଶୀର୍ବାଦ କରି ଆସୁଛନ୍ତି ଏବଂ ଆମେ ସୁନ୍ଦରଗଡ଼ବାସୀଙ୍କ ଭାବାବେଗକୁ ସମ୍ମାନ ଦେଉଛୁ । ତେଣୁ ସୁନ୍ଦରଗଡ଼ବାସୀଙ୍କ ଇଚ୍ଛା ବିରୋଧରେ କୌଣସି ପଦକ୍ଷେପ ସରକାର ନେବେ ନାହିଁ । ସୁନ୍ଦରଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ।

ବିଧାନସଭାରେ ଶୂନ୍ୟକାଳରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ କହିଛନ୍ତି, ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ଭାଗଭାଗ କରିବାକୁ ଚାହୁଁଛନ୍ତି । ଆମ ସଂସ୍କୃତି ପଶ୍ଚିମ ଓଡ଼ିଶା ସହ ଖାପ ଖାଉଛି । ଉତ୍ତର ଓଡ଼ିଶା ସହିତ ନୁହେଁ । ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶାରେ ମିଶାଇବା କୌଣସି ନିଷ୍ପତ୍ତି ହୋଇ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସ୍ପଷ୍ଟୀକରଣ ରଖନ୍ତୁ ।

ସେହିପରି ବିଜେଡି ସଭ୍ୟ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମଧ ସୁନ୍ଦରଗଡ଼ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ କିଛିଦିନ ପୂର୍ବରୁ ଉତ୍ତ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ପାଇଁ ଘୋଷଣା କରିଥିଲେ । ଏବେ ମୁଖ୍ୟମନ୍ତ୍ରୀ ଘୋଷଣା କଲେ ସୁନ୍ଦରଗଡ଼କୁ ଉତ୍ତର ଓଡ଼ିଶାରେ ମିଶାଇବେ, ଯାହାଦ୍ୱାରା ଜିଲ୍ଲାର ଦ୍ରୁତ ବିକାଶ ହେବ । ଏଥିରୁ ସ୍ପଷ୍ଟ ମୁଖ୍ୟମନ୍ତ୍ରୀ ପରୋକ୍ଷରେ କହୁଛନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ କାମ ହେଉନାହିଁ । ମୁଖ୍ୟମନ୍ତ୍ରୀଙ୍କ କଥାରୁ ଜଣାପଡୁଛି ଆଞ୍ଚଳିକ ବୈଷମ୍ୟବାଦ ଅଛି । ସୂଚନାଯୋଗ୍ୟ ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିଥିଲେ । ଏହି ଅବସରରେ କହିଥିଲେ, ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ହେବ । ଆଉ ୨ରୁ ୩ ମାସ ମଧ୍ୟରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ହେବ । ଏଥିପାଇଁ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ ହୋଇ କାମ ଆରମ୍ଭ ହୋଇଛି । ଏଥିପାଇଁ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସୁନ୍ଦରଗଡ଼ ପଶ୍ଚିମ ଓଡ଼ିଶାରେ ଏବେ ଅଛି । ଆଗକୁ ଏହା ଉତ୍ତର ଓଡ଼ିଶାରେ ସାମିଲ ହେବ ।

# ବିଶ୍ୱବିଦ୍ୟାଳୟରେ ଜମି ସମସ୍ୟା ଉତ୍କଟ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଖରେ ପର୍ଯ୍ୟାପ୍ତ ଜମି ଥିଲେ ମଧ ଜମି ଅଭାବରୁ ସମ୍ପ୍ରସାରିତ ହୋଇ ପାରୁ ନାହିଁ । ଜବରଦଖଲ ଯୋଗୁଁ ନିୟମିତ ଆଇନଶୃଙ୍ଖଳା ପରିସ୍ଥିତିର ସାମ୍ନା କରୁଛି । ଭିମ୍‌ସାର୍ ଏବଂ ଭିସୁଟ୍‌ର ସମ୍ପ୍ରସାରଣ ପାଇଁ ଆବେଦନ କରାଯାଇଥିବା ଜମିକୁ ଜଳସମ୍ପଦ ବିଭାଗ ଅନୁମୋଦନ କରୁନାହିଁ । ଆଇଆଇଏମ୍ ସମ୍ବଲପୁରର କିଛି ଜମିର ପରିବର୍ତ୍ତନ ବନ ବିଭାଗ ପାଖରେ ପଡ଼ିଛି । ସମ୍ବଲପୁର ସ୍ଥିତ ସମସ୍ତ ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଆଜିର ନୁହେଁ, ବର୍ଷାଧିକ ପୁରୁଣା । ପୂର୍ବ ସରକାରଙ୍କ ପକ୍ଷରୁ ଏହାର ସମାଧାନ ହୋଇନଥିଲା । ନୂତନ ସରକାର ଆସିବା ପରେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ସମୀକ୍ଷାମାନ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ସେତେଟା ସଫଳତା ମିଳି ନାହିଁ । ଜିଏମ୍ ବିଶ୍ୱବିଦ୍ୟାଳୟ ଏବଂ ଜିଏମ୍ କନିଷ୍ଠ କଲେଜରେ ସ୍ଥାନ ଅଭାବରୁ କ୍ଲାସ୍ ମଧ ହୋଇ ପାରୁନାହିଁ । ସମ୍ବଲପୁର ସହରରେ ମାତ୍ର ୩୦ ଏକର ଜମିରେ ଥିବା ଏହି ବିଶ୍ୱବିଦ୍ୟାଳୟ କମି ଅଭାବ ଯୋଗୁଁ ସମ୍ପ୍ରସାରିତ ହୋଇ ପାରୁନାହିଁ କି ନୂତନ ବିଭାଗ ଖୋଲିପାରୁ ନାହିଁ । ପୁରୁଣା ସରକାରଙ୍କ ସମୟରେ କିଏମ୍ ବିଶ୍ୱବିଦ୍ୟାଳୟ ପାଇଁ ଚିପିଲିମାରେ ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଜମି ଚିହ୍ନଟ ହୋଇଥିଲା । ସେଥିରୁ ୪୦ ଏକର ଜମିର ପଟ୍ଟା ବିଶ୍ୱବିଦ୍ୟାଳୟକୁ ମିଳିଛି । ଯେଉଁଠାରେ ବର୍ତ୍ତମାନ ବିଭିନ୍ନ ପ୍ରକାର ନିର୍ମାଣ ଚାଲିଛି । କିନ୍ତୁ ଏହା ଯଥେଷ୍ଟ ନୁହେଁ । ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪୦ ଏକର ଜମି ପାଇଁ କରାଯାଇଥିବା ଆବେଦନ ବିଚାରାଧୀନ ରହିଛି । ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ୬୭୦ ଏକର ପରିମିତ ଜମିରେ ରହିଛି । ନିର୍ମାଣ ଆରମ୍ଭରୁ ହିଁ ବିଶ୍ୱବିଦ୍ୟାଳୟ ଆଇନଶୃଙ୍ଖଳା ପରିସ୍ଥିତିର ସାମ୍ନା କରିଆସୁଛି । ଆଜି ପର୍ଯ୍ୟନ୍ତ ଏହାର ପାଚେରିଟିଏ ନିର୍ମାଣ କରାଯାଇ ନାହିଁ । ବିଶ୍ୱବିଦ୍ୟାଳୟ ପରିସର ମଧ୍ୟସ୍ଥଳରେ ଥିବା ୨୨ ଏକର ଜମି ରୟତି ଏବଂ ୨୦ ଏକର ଜମି ଜବରଦଖଲରେ ରହିଛି । ଏହି ସମସ୍ୟା ସମାଧାନ ପାଇଁ କାହିଁ କେତେ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଶାସନକୁ ଆବେଦନ କରାଯାଇଛି । ନୂତନ ସରକାର ଆସିବା ପରେ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ଏବଂ ଭୁବନେଶ୍ୱରରେ ଦୁଇଟି ବୈଠକ ହୋଇଛି । କିନ୍ତୁ ଫଳାଫଳ ବର୍ତ୍ତମାନ ପର୍ଯ୍ୟନ୍ତ ବାହାରି ପାରିନାହିଁ ।

ଦୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର) ମାତ୍ର ୧୦୦ ଏକର ଜମିରେ ଅବସ୍ଥିତ । ସେଥିରୁ କିଛି ଏକର ଜମି ଜବରଦଖଲରେ ରହିଛି । ଏହାର ୟୁନିଫାଏଡ୍ କ୍ୟାମ୍ପସ୍ ପାଇଁ ୨୦୦ ଏକର ଜମି ଦେବାକୁ ଅନୁଷ୍ଠାନ ଆବେଦନ କରିଥିଲା । କିନ୍ତୁ ଏଥିରୁ କେବଳ ୮୦ ଏକରର ପଟ୍ଟା ହୋଇଛି । ବାକି ଜମି ପାଇଁ ଜଳସମ୍ପଦ ବିଭାଗର ଅନୁମୋଦନକୁ ଅପେକ୍ଷା କରାଯାଇଛି । ପ୍ରସ୍ତାବିତ ଜମିରେ ଭିମ୍‌ସାର୍ ଡାକ୍ତରଙ୍କ କ୍ୱାର୍ଟର୍ସ ପାଇଁ ମାଷ୍ଟରପ୍ଲାନ୍ ରହିଛି । ଏହାର ଅନୁମୋଦନ ପରେ ଭିମ୍‌ସାର୍ ନିକଟରେ ଥିବା ଡାକ୍ତରଙ୍କ କ୍ୱାର୍ଟର୍ସଗୁଡ଼ିକ ଭାଙ୍ଗିଦିଆଯାଇ ସେଠାରେ ଯୋଜନା କରିଛି । ଏଆର୍ ଆମ୍ବୁଲାନ୍ସ ପାଇଁ ହେଲିପ୍ୟାଡ୍ ନେଇ ବହୁତଳ କୋଠା ବିଶିଷ୍ଟ ଡାକ୍ତରଖାନା ତିଆରି ପାଇଁ ଭିମ୍‌ସାର୍ ମଧ ଜମି ଆବେଦନ ପଡ଼ିରହିଛି । ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ବର୍ତ୍ତମାନ ୧୬୩ ଏକର ପରିମିତ ଜମିରେ ରହିଛି । କିନ୍ତୁ ସମୁଦାୟ ଜମିର ପଟ୍ଟା ଆଜି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ମିଳିପାରି ନାହିଁ । ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରାଯାଇଛି । ୨୦୨୩ ମସିହାରୁ ଏହାର ସମ୍ପ୍ରସାରଣ ପାଇଁ ୮୦ ଏକର ଜମି ପ୍ରଦାନ ପାଇଁ ଅନୁମୋଦିତ ହୋଇଛି । ଯେଉଁଠି ୧୩ ନୂତନ ବିଭାଗ ଖୋଲିବା ସହିତ ଛାତ୍ରାବାସ, ଖେଳପଡ଼ିଆ ପାଇଁ ପ୍ରସ୍ତାବ ଦିଆଯାଇଛି । ପ୍ରସ୍ତାବିତ ଜମି ଜଳସମ୍ପଦ ବିଭାଗର ମାଲିକାନାରେ ରହିଛି । ଏହି ବିଭାଗ ଭିସୁଟ୍‌କୁ କେବଳ ୧୫ରୁ ୧୮ ଏକର ଜମିପଟ୍ଟା ଦେବା ପାଇଁ ଅନୁମୋଦନ କରିଛି । ବାକି ପ୍ରସ୍ତାବ ପଡ଼ିରହିଛି । ଆଇଆଇଏମ୍ ସମ୍ବଲପୁର ବର୍ତ୍ତମାନ ୨୦୦ ଏକର ଜମିରେ ରହିଛି । ଏହାର ୯ ଏକର ଜମି ଡାଇଭର୍ସନ୍ ପାଇଁ ବନ ବିଭାଗ ପାଖରେ ପଡ଼ିଛି । ଯାହା ଅନୁମୋଦିତ ହୋଇ ପାରିନି ଓ ସର୍ବୋପରି ସମ୍ବଲପୁର ସ୍ଥିତ ସମସ୍ତ ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଜଟିଳ ରୂପ ଧାରଣ କରିଛି ।

# ୨୪ ବର୍ଷରେ ରାଜ୍ୟ ଯୋଜନା ବୋର୍ଡ ବୈଠକ ୨ ଥର ବସିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟ ଯୋଜନା ବୋର୍ଡ ବୈଠକ ଗତ ୨୪ ବର୍ଷ ମଧ୍ୟରେ ମୋଟ୍ ୨ ଥର ବସିଛି । ୨୦୦୩ ମେ'ରେ ଥରେ ବସିଥିଲା । ଏହା ପରେ ୨୦୦୭ ଅକ୍ଟୋବରରେ ଆଉ ଥରେ ବସିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ ପାଇଁ ସରକାର ବିଶେଷଜ୍ଞମାନଙ୍କ ସହ ଆଲୋଚନା କରୁଛନ୍ତି । ୨୦୦୦ ମସିହାରୁ ଏପର୍ଯ୍ୟନ୍ତ ମୋଟ୍ ୨ଥର ରାଜ୍ୟ ଯୋଜନା ବୋର୍ଡ ବୈଠକ ବସିଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | |
|---|---|
| Life Member - | Rs.5000.00 |
| Annual - | Rs. 500.00 |
| Half-yearly - | Rs. 250.00 |
| Quarterly - | Rs. 120.00 |

## Advertisement Tariff of **The Sweekar**

| | |
|---|---|
| Full Page - | Rs. 2,00,000.00 |
| Half Page - | Rs. 1,00,000.00 |
| Quarter Page - | Rs. 50,000.00 |

Colour Advertisement - 100% Extra

# ‘ଉଡାନ୍’ର ଛାତ୍ରୀ ପ୍ରିସା ମିଶ୍ର ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ




ସମ୍ବଲପୁର: ସମ୍ବଲପୁରର ଜଣାଶୁଣା ନାଚ ଓ ଗୀତର ପ୍ରଶିକ୍ଷଣ ଅନୁଷ୍ଠାନ ‘ଉଡାନ ଡ୍ୟାନ୍ସ ଏକାଡେମୀ’ ର ଛାତ୍ରୀ ପ୍ରିସା ମିଶ୍ର ମାଲୟେସିଆର କ୍ୱାଲାଲାମପୁର ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ନୃତ୍ୟ ପ୍ରତିଯୋଗିତାରେ ଚମତ୍କାର ନୃତ୍ୟ ପରିବେଷଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତାରେ ଏସିଆର ୧୦ଟି ଦେଶରୁ ୪୩୦ ଜଣ ପ୍ରତିଯୋଗୀ ଭାଗ ନେଇ ୧୩୦ଟି ନୃତ୍ୟ ପରିବେଷଣ କରିଥିଲେ । ପ୍ରିସା ଏଥିରେ କାନ୍ତାରା ନୃତ୍ୟ ପରିବେଷଣ କରି ସେମ୍ କ୍ଲାସିକାଲ ବିଭାଗରେ ଦ୍ୱିତୀୟ ପୁରସ୍କାର ପାଇଛନ୍ତି । ଏଥି ପୂର୍ବରୁ ପ୍ରିସା ଅଞ୍ଚଳିକ ତଥା ଜାତୀୟ ସ୍ତରରେ ମଧ ପୁରସ୍କୃତ ହୋଇଛନ୍ତି । ଏଥି ସହିତ ସେ କଷ୍ଟ୍ୟୁମ୍ ତଥା ସାଜସଜ୍ଜା ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତାରେ ବଲିଉଡ୍ ଅଭିନେତ୍ରୀ ଏବଂ ନୃତ୍ୟ ଶିଳ୍ପୀ ସୁଧାଚନ୍ଦ୍ରନ ବଲିଉଡ୍ ନୃତ୍ୟ ନିର୍ଦ୍ଦେଶକ ଭୃଶାଳି ଚଭନ, ମାନସ ସଚଦେବା, ଦେବେଶ ମିରଚାନ୍ଦନି ଏବଂ ସଜନା ନଜନ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରିସା ବମ୍ବେ ଠାରେ ଅନୁଷ୍ଠିତ ଅନଲାଇନ ଚୟନରେ ଅଂଶ ଗ୍ରହଣ କରି ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ । ଉଡାନର ନୃତ୍ୟ ଗୁରୁ ଦେବସ୍ମିତା ନାୟକଙ୍କ ଠାରୁ ପ୍ରିସା ଭାରତ ନାଟ୍ୟମ ନୃତ୍ୟର ତାଲିମ ନେଉଛନ୍ତି । ଅନୁଷ୍ଠାନର ମୁଖ୍ୟ ତମନ୍ନା ସାମନ୍ତରାୟ ଏବଂ ରମେଶ ସାହାଙ୍କ ତତ୍ତ୍ୱାବଧାନରେ ସେ ସମ୍ବଲପୁର, ଭୁବନେଶ୍ୱର, କଟକ, ବାଙ୍ଗାଲୁରୁ, ଗୋଆ, ହାଇଦ୍ରାବାଦର ବିଭିନ୍ନ ମଞ୍ଚରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି । ମାତ୍ର ୯ ବର୍ଷ ବୟସ୍କା ପ୍ରିସା ହେଉଛନ୍ତି ଡାକ୍ତର ପ୍ରଣବ ମିଶ୍ର ଓ ଡାକ୍ତର ସୁଶ୍ରୀ ଶୁଭସ୍ମିତାଙ୍କ ଏକମାତ୍ର କନ୍ୟା । ବୁଢ଼ାରଜା ସ୍ଥିତ ଆସ୍ଥା ନର୍ସିହୋମର ମାଲିକ ଡାକ୍ତର ପ୍ରଶାନ୍ତ ମିଶ୍ରଙ୍କ ସେ ନାତୁଣୀ ଅଟନ୍ତି ।

# ଜଗନ୍ନାଥ ଏରିଆର ଜି.ଏମ୍. ସମ୍ବର୍ଦ୍ଧିତ

ବୁର୍ଲା : ଗତ ଅକ୍ଟୋବର ମାସରେ ଏମ୍.ସି.ଏଲ୍ ଅଧିନରେ ଥିବା ଜଗନ୍ନାଥ ଏରିଆର ମହା ପ୍ରବନ୍ଧକ ଏ.କେ. ଧଲ , ଉତ୍ତମ ପ୍ରଦର୍ଶନ କରିଥିବାରୁ ସମ୍ବର୍ଦ୍ଧିତ




ହୋଇଛନ୍ତି । ଏମସିଏଲର ସିଏମଡି ଶ୍ରୀ ଉୟ ଅନନନ୍ତ କାଓଲେ ଜି.ଏମ୍. ମାନଙ୍କର ସମନ୍ୱୟ ବୈଠକରେ ଶ୍ରୀ ଧଳଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତର ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି ।

# ବିଶ୍ୱାତ୍ମ ବିଦ୍ୟାମନ୍ଦିରର ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା



ବଲାଙ୍ଗିର: ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ଅଷ୍ଟମ ଆନ୍ତଃ-ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ବିଭିନ୍ନ ଶାଖାମାନଙ୍କର ୧୦୩ଟି ବିଜ୍ଞାନ ପ୍ରକଳ୍ପ ଏବଂ ୧୫୦ଟି କଳା ଏବଂ ହସ୍ତଶିଳ୍ପ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଏବଂ ତନ୍ମଧ୍ୟରୁ ୧୦ଟି ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ନିର୍ବାଚିତ ହୋଇଥିଲା । ଦ୍ୱିତୀୟ ଦିବସ ଉଦ୍‌ଯାପନୀ ସମାରୋହରେ ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ବିଶ୍ୱାତ୍ମ ଚେତନା ପରିଷଦର ସାଧାରଣ ସମ୍ପାଦକ ତଥା ବିଦ୍ୟାଳୟ ଚେୟାରମ୍ୟାନ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ (ମାଲକାନଗିରି), ବିଦ୍ୟାମନ୍ଦିରର ବଲାଙ୍ଗୀରର ସମ୍ପାଦକ ନବୀନ କୁମାର ବେଦବାକ, ବିଶ୍ୱାତ୍ମ ବିଦ୍ୟା ଉଚ୍ଚ ବିଦ୍ୟାଳୟ ପ୍ରାଚାର୍ଯ୍ୟ ଡଃ. ସୁଶାନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶିକା ମା ଶ୍ରଦ୍ଧାମୂର୍ତ୍ତି, ବିଦ୍ୟା ମନ୍ଦିରର ସମ୍ବଲପୁର ର ସମ୍ପାଦକ ବିମଳ ପ୍ରସାଦ ପାଣ୍ଡିଆ, ପ୍ରଧାନ ଆଚାର୍ଯ୍ୟ ଶ୍ରୀ ତରୁଣ କୁମାର ତ୍ରିପାଠୀ, ବିଜ୍ଞାନମେଳା ସଂଯୋଜକ ଶ୍ରୀ ଚନ୍ଦ୍ରକୁମାର ପୁରୋହିତ ଉପସ୍ଥିତ ରହିଥିଲେ । ଏହି ସମ୍ପୂର୍ଣ୍ଣ ବିଜ୍ଞାନମେଳାକୁ ବିଦ୍ୟାମନ୍ଦିରର ବିଜ୍ଞାନ ବିଭାଗ ପ୍ରମୁଖ ମୁଖୀ ଇଳାମୟୀ ପଟ୍ଟନାୟକ, ରାଜାରାମ ପୁରୋହିତ ଏବଂ ଜୟରାମ ଭୋଇ ପରିଚାଳନା କରିଥିବା ବେଳେ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ସଂଯୋଜକ ସମିତ କୁମାର ସଭାକାର୍ଯ୍ୟର ସଂଯୋଜନା କରିଥିଲେ ।



# ଏମସିଏଲ୍ ନିର୍ଦ୍ଦେଶକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବୁର୍ଲା: ଏମସିଏଲ୍‌ର ବୈଷୟିକ ପ୍ରକଳ୍ପ ଏବଂ ଯୋଜନା ନିର୍ଦ୍ଦେଶକ ଅକ୍ଷକ ଶ୍ରୀକାନ୍ତ ବାପଟ୍ ଅବସର ଗ୍ରହଣ କରିବା ପରେ ଏମ୍.ସି.ଏଲ୍ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ସି.ଏମ୍.ଡି ଶ୍ରୀ ଉଦୟ ଅନନ୍ତ କାଓଲେ ଶ୍ରୀ ବାପଟଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।




ସାପ୍ତାହିକ ‘ସ୍ୱୀକାର’ ପକ୍ଷରୁ

ଲୋକ କଳା ମହୋତ୍ସବ

ତା: ୦୭.୧୨.୨୦୨୪
ସମୟ : ଦିବା ୧୦ ଘଟିକା
ସ୍ଥାନ: ତପସ୍ୱିନୀ ହଲ, ସମ୍ବଲପୁର

-:: ବିଶେଷ ଆକର୍ଷଣ ::-
ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ କଳା
ସଂପର୍ଦା, ସଂଚାର, ପାଲା, ଘୁଡୁକାନାଚ,
କୀର୍ତ୍ତନ, ଦାସକାଠିଆ, ଗଣ୍ଡାବଜା
ଇତ୍ୟାଦି ପ୍ରସିଦ୍ଧ ଦଳମାନଙ୍କ
କଳାକାରମାନଙ୍କ
ଦ୍ୱାରା ପରିବେଷଣ ।

ଯୋଗାଯୋଗ: ହେମନ୍ତ କୁମାର ମହାପାତ୍ର
ମୋ.ନଂ- ୯୪୩୭୩୪୮୦୧୮

# ଏନ୍.ଏସ୍.ସି.ବି କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ସମ୍ବଲପୁର: ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆ.କ୍ୟୁ.ଏ.ସି.ର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍‌ଙ୍କ ସଭାପତିତ୍ୱରେ ‘ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ‘ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ବିଶିଷ୍ଟ କବି ଓ ସାହିତ୍ୟ ସମାଲୋଚକ ସୌଭାଗ୍ୟବନ୍ତ ମହାରଣା ମୁଖ୍ୟଅତିଥି, ବିଶିଷ୍ଟ କବି ଓ ଅନୁବାଦକ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଚେୟାର ପ୍ରଫେସର ଡକ୍ଟର ପ୍ରଦୀପ କୁମାର ପଣ୍ଡା ଏବଂ ଯୁବକବି ଦୁର୍ଗାପ୍ରସାଦ ପଣ୍ଡା ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ । ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମାନରେ ବିଭାଗମୁଖ୍ୟ ତଥା ସହକାରୀ ପ୍ରଫେସର ଡକ୍ଟର ଶ୍ୟାମ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପାଠଚକ୍ର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୁଚନା ଦେଇଥିଲେ । ଓଡ଼ିଆ ବିଭାଗର ଅନ୍ୟତମ ଅଧାପିକା ଶ୍ରୀମତୀ ମେଞ୍ଚା ପୂର୍ତ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍ ଆଲୋଚନାଚକ୍ରର ଗୁରୁତ୍ୱ ଏବଂ ଉପାଦେୟତା ବିଷୟରେ ବକ୍ତବ୍ୟ ଦେଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁଲଭ କୁମାର ସା ଏବଂ ଆଇ. କ୍ୟୁ.ଏ. ସି. ସଂଯୋଜକ ସହକାରୀ ପ୍ରଫେସର ଡକ୍ଟର ରଘୁମଣି ନାଏକ ପ୍ରମୁଖ ଆଲୋଚନାଚକ୍ର ଆୟୋଜନର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବିଭାଗ ତରଫରୁ ଅତିଥିମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା ଏବଂ ଏହାକୁ ସଂଯୋଜନା କରିଥିଲେ ଅଧାପକ ରୋଶନ ଭୋଇ । ବିଭାଗର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଜୟାଦେବୀ ବାବୁ ‘ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବିକାଶଧାରା, ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଭାତୀ ପଧାନ ‘ରମାକାନ୍ତ ରଥଙ୍କ ‘ଶ୍ରୀରାଧା’ : ଏକ ଅନୁଶୀଳନ’ ଏବଂ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ଭୋଜରାଣୀ ତାଣ୍ଡିଆ ‘ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ସ୍ୱରୂପ ଓ ପ୍ରଭାବ‘ ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ବିଭାଗର ଛାତ୍ରୀ ପ୍ରିୟଙ୍କା ମୁନା, ଅଲିଭା ମେହେର, ଚନ୍ଦ୍ରକାନ୍ତି ସୁନା, ଲିସା ପଧାନ, ବବ୍ଲି ଷାଣ୍ଡ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶେଷରେ ସହକାରୀ ପ୍ରଫେସର ଡକ୍ଟର ରଶ୍ମିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପାଠଚକ୍ର ସମ୍ପାଦକ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତନୁ କୁମାର ଦାନୀଙ୍କ ସମେତ ଜୟାଦେବୀ ବାବୁ, ବିଷ୍ଣୁପ୍ରିୟା ବାରିକ, ଯମୁନା ବାଗ, ପ୍ରତ୍ୟୁଷ ସାହୁ, ଆଲୋକ ପଣ୍ଡା, ସୌରଭ, ଉମା ପାତ୍ର, ନିତୁ ରୋହିଦାସ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଶେଷରେ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର ହେମନ୍ତ ଖୁଟୁଲା ଚମତ୍କାର ଘୁବୁକୁଡୁ ବାଦ୍ୟ ପରିବେଷଣ କରି ଅତିଥିମାନଙ୍କ ସହ ଉପସ୍ଥିତ ସମସ୍ତଙ୍କୁ ଚମତ୍କୃତ କରିଦେଇ ଥିଲେ । ଏହା ସହିତ କବି କମଳ ଲୋଚନ ପଣ୍ଡା ଏହି ଅବସରରେ ସ୍ୱରଚିତ କବିତା ପାଠ କରିବା ସହିତ ସଙ୍ଗୀତ ପରିବେଷଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra